
ଧରିତ୍ରୀ
DHARITRI
March 26- April 1, 2023 ₹ 2/-
ଛୁଟିଦିନ



# ପ୍ରେମ ପାଇଁ



ପ୍ରେମର ସ୍ମାରକୀ ଭାବେ ଦିନେ ଶାହଜାହାନ ପତ୍ନୀ ମମତାଜଙ୍କ ସ୍ମୃତିରେ ଗଢ଼ିଥିଲେ ତାଜମହଲ; ଯାହାକି ଏବେ ବି ସେହି ଅମର ପ୍ରେମର ଗାଥା କହେ। ତେବେ କେବଳ ଇତିହାସ ପୃଷ୍ଠାରେ ନୁହେଁ ଆଜି ବି ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପ୍ରେମକୁ ଅମର କରିବା ପାଇଁ କରିଛନ୍ତି ଏଭଳି କିଛି କାମ; ଯାହା ଅନ୍ୟମାନଙ୍କୁ କରୁଛି ଚକିତ...

**ପ୍ରଚ୍ଛଦ ପ୍ରସଙ୍ଗ**

୩

# ନେମ୍‌ପ୍ଲେଟ୍‌କୁ ନେଇ ବାସ୍ତୁ

ନେମ୍‌ପ୍ଲେଟ୍ ଘରକୁ ଚିହ୍ନାଇବାରେ ସାହାଯ୍ୟ କରିବା ସହିତ ଘରର ସୌନ୍ଦର୍ଯ୍ୟକୁ ବି ବଢାଇଥାଏ । ଘର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ସମସ୍ତଙ୍କର ପ୍ରଥମ ନଜର ଏହା ଉପରେ ହିଁ ପଡେ । ତେବେ ଜାଣନ୍ତି କି ନେମ୍‌ପ୍ଲେଟ୍ ଲଗାଇବାକୁ ନେଇ ବି ରହିଛି କିଛି ବାସ୍ତୁ ଟିପ୍ସ । ଜାଣନ୍ତୁ ସେ ସମ୍ପର୍କରେ...

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ପ୍ରତ୍ୟେକ ଘରର ମାଲିକଙ୍କୁ ତାଙ୍କ ଦାଣ୍ଡ ଦୁଆରେ ନେମ୍‌ପ୍ଲେଟ୍ ଲଗାଇବା ନିହାତି ଆବଶ୍ୟକ । କାରଣ ଏହା ଏକ ସମ୍ମାନର କଥା । ମଥାରେ ଟିକା ଲଗାଇବା ଯେମିତି ଶୁଭ, ଦାଣ୍ଡଦୁଆରେ ନେମ୍‌ପ୍ଲେଟ୍ ଲଗାଇବା ମଧ୍ୟ ସେମିତି ଶୁଭ ।

✲ ମୁଖ୍ୟଦ୍ୱାର କିମ୍ବା ତାକୁ ଲାଗି ରହିଥିବା କବାଟରେ ନେମ୍‌ପ୍ଲେଟ୍ ଲଗାଇବା ଦ୍ୱାରା ଘରର ସମୃଦ୍ଧି ହୋଇଥାଏ ।

✲ ନେମ୍‌ପ୍ଲେଟ୍‌ରେ ଲେଖା



ଯାଇଥିବା ନାମ ଯେତେ ସ୍ୱଷ୍ଟ ଦେଖାଯାଉଥିବ ସେତେ ଭଲ । ଅତି କମ୍‌ରେ ଦୁଇ/ତିନି ଫୁଟ ଦୂରତାରୁ ଏହାକୁ ଯେମିତି ପଢି ହେଉଥିବ ସେଥିପ୍ରତି ନଜର ଦେବା ଆବଶ୍ୟକ ।

✲ ଘରର ମୁଖ୍ୟଦ୍ୱାରକୁ ମ୍ୟାଚିଂ ହେଲାଭଳି ନେମ୍‌ପ୍ଲେଟ୍ ଲଗାଇବା ଦରକାର ।

✲ ଧ୍ୟାନଦେବେ ଯେମିତି ମୁଖ୍ୟଦ୍ୱାର ଓ ନେମ୍‌ପ୍ଲେଟ୍ ଉପରେ ପର୍ଯ୍ୟାପ୍ତ ଆଲୋକ ପଡିପାରୁଥିବ । ଆବଶ୍ୟକ ହେଲେ ଏଲ୍‌ଇଡି ଲାଇଟ୍ ଦ୍ୱାରା ମଧ୍ୟ ଏହାକୁ ଡେକୋରେଟ୍ କରିପାରିବେ ।

✲ ନେମ୍‌ପ୍ଲେଟ୍ ଏମିତି ଧାତୁରେ ତିଆରି ହେବା ଦରକାର, ଯେଉଁଥିରେ ସହଜରେ କଳଙ୍କି ଲାଗୁ ନ ଥିବ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ମାର୍ଚ୍ଚ ୨୬- ଏପ୍ରିଲ ୧**

**ମେଷ**
ଆର୍ଥିକ ଅଭିବୃଦ୍ଧି, କାର୍ଯ୍ୟସିଦ୍ଧି ଘଟିବ, ଯୋଜନାରେ ସଫଳତା, ପାରିବାରିକ ଶାନ୍ତି, ସ୍ଥିର ସିଦ୍ଧାନ୍ତ ନେବେ, ମିତ୍ରତା ସୃଷ୍ଟି କରିପାରନ୍ତି, କୃଷିବାଣିଜ୍ୟରେ ଉନ୍ନତି, ଯାତ୍ରାରୁ ସୁଫଳ, ଦୁଃସାହସିକ କାର୍ଯ୍ୟ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ।।

**ବୃଷ**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ତରବରିଆ ପଦକ୍ଷେପ, ଶାରୀରିକ ପୀଡା, ଆନୁଷ୍ଠାନିକ କାର୍ଯ୍ୟ ପ୍ରସ୍ତୁତି,ଭ୍ରାତୃବର୍ଗ ଦ୍ୱାରା ସମସ୍ୟା, ଆଶା କଅଁଳି ଉଠିବ, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ରଭୂଷଣ ପ୍ରାପ୍ତି, ତିର୍ଥାଟନ ଚିନ୍ତା କରିପାରନ୍ତି, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ ।।

**ମିଥୁନ**
ମାନସିକ ଅସ୍ଥିରତା, ସମସ୍ୟାବହୁଳ ଯାତ୍ରା, ଆଇନ ସହାୟତା ପ୍ରାପ୍ତି, କଳାସାହିତ୍ୟରୁ ପ୍ରଶଂସା, ସ୍ୱଜନ ଶତ୍ରୁତା, କାର୍ଯ୍ୟବିଳମ୍ବରେ ହେବ, କାଶଜନିତ ପୀଡା, ଭୁଲ ବୁଝାମଣା, କାମରେ ବିଶୃଙ୍ଖଳା, ସହଯୋଗ ପାଇବେ ।।

**କର୍କଟ**
କାମ ଅଟକିବ ନାହିଁ, ଅମୂଳକ ଆଶଙ୍କା, ଅସାବଧାନତାରୁ ଦ୍ରବ୍ୟନଷ୍ଟ, ଅଭିଯୋଗ ଆସିବ, ବନ୍ଧୁଟି ଭୁଲ୍ ବୁଝିବେ, ନିଜ ପରିସରରେ ପ୍ରତିଷ୍ଠା, ନୂତନ କାର୍ଯ୍ୟାରମ୍ଭ, ଶୁଭଖବର ମିଳିବ, ସନ୍ତାନଙ୍କ କୃତିତ୍ୱ ।।

**ସିଂହ**
କର୍ମକ୍ଷେତ୍ରରେ ସମସ୍ୟା, ଆର୍ଥିକ ଦୂରବସ୍ଥା, ବାଣିଜ୍ୟ ମାନ୍ଦା ହେବ, ସ୍ଥିରତା ଅବ୍ୟାହତ ରହିବ, ଗାଡିସମ୍ପର୍କୀୟ ଦୁଃଶ୍ଚିନ୍ତା, ସ୍ୱାସ୍ଥ୍ୟହାନି, ମାଙ୍ଗଳିକ କାମ, ପଡୋଶୀଙ୍କ ସୌହାର୍ଦ୍ଦ୍ୟ, ପାରିବାରିକ ସହମତି ।।

**କନ୍ୟା**
ଯାତ୍ରାରେ ହଇରାଣ, ଅଶାନ୍ତି ଲାଗି ରହିବ, ଭ୍ରାତୃସମ୍ପର୍କ ବୃଦ୍ଧି, ଏଜେନ୍ସିପରୁ ଖୁସି, ବିଭିନ୍ନ ସୂତ୍ରରୁ ରୋଜଗାର, ବିବାଦୀୟ ଘଟଣାର ଅବସାନ, ଅର୍ଥ ଆଦାୟରେ ସକ୍ଷମ, ବିଳମ୍ବରେ କାର୍ଯ୍ୟସିଦ୍ଧି,ପାରିବାରିକ ସ୍ଥିରତା, ପଦୋନ୍ନତିର ସୂଚନା, ଧର୍ମକାର୍ଯ୍ୟ କରିବେ ।।

**ତୁଳା**
କର୍ମଦକ୍ଷତାରୁ ପ୍ରଶଂସା, ପଦମର୍ଯ୍ୟାଦା ବୃଦ୍ଧି, ଶତ୍ରୁତାରୁ ଅପଦସ୍ତ, ପ୍ରତିବନ୍ଧକ ଆସିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ରିସ୍କ ପଦକ୍ଷେପ ନେବେ, ଅବହେଳାରୁ ଅନୁତାପ, ଆବଦ୍ଧଯୋଗରୁ ମୁକ୍ତି, ଟେନସନ୍ କମିଯିବ, ଆଶା ପୂରଣ ହେବ ।।

**ବିଛା**
ମାନସିକ ଅସ୍ଥିରତା, ବନ୍ଧୁଙ୍କ ପରାମର୍ଶ, ପରିସ୍ଥିତିକୁ ସଜାଡିବେ, ସମସ୍ୟାର ମୁକାବିଲା, ବକେୟା ପାଇବେ, ଶିକ୍ଷାରେ ସଫଳତା, ଭ୍ରମଣ ସୁଯୋଗ ଜୁଟିବ, ପ୍ରତୀକ୍ଷାଜନିତ ଯନ୍ତ୍ରଣା, କାର୍ଯ୍ୟସିଦ୍ଧିରୁ ଆନନ୍ଦ ।।

**ଧନୁ**
ପରିବାରରେ ମତାନ୍ତର, ପୁତ୍ରକନ୍ୟାଙ୍କ ସମସ୍ୟା, ପରାଶ୍ରୟତାରୁ ମନସ୍ତାପ, ସ୍ୱାସ୍ଥ୍ୟରେ ଉନ୍ନତି, ସଦ୍ଭାବ ଅକ୍ଷୁର୍ଣ୍ଣ ରହିବ, ବିଚଳିତବୋଧ କରିବେ, ବ୍ୟବସାୟରେ ଶିଥିଳତା, ଭୁଲ କାମ କରିପାରନ୍ତି ।।

**ମକର**
ଦୁଶ୍ଚିନ୍ତାରୁ ରକ୍ତଚାପ ବୃଦ୍ଧି, ହାତ ଖାଲି ରହିବ, ମାନସିକ ଆଘାତ ପାଇବେ, ଦୂରଯାତ୍ରା କରିପାରନ୍ତି, ବିରୋଧୀପକ୍ଷଙ୍କ ସକ୍ରିୟତା, ମିତ୍ରତା ବୃଦ୍ଧି, ନୂତନ କାର୍ଯ୍ୟରେ କୃତକାର୍ଯ୍ୟ ହେବେ, ଆଶା ଫଳବତୀ ହେବ, ଦୈହିକ ଦୁର୍ବଳତା ।।

**କୁମ୍ଭ**
ବନ୍ଧୁଙ୍କ ପକ୍ଷପାତିତା, ଅସନ୍ତୋଷ ବଢିବ, ବ୍ୟବହାରରେ ବ୍ୟତିକ୍ରମ, ଦେବଦର୍ଶନରୁ ଆନନ୍ଦ, ଭ୍ରମଣ ସୁଯୋଗ ଜୁଟିବ, ସମସ୍ୟା ସମାଧାନ, ବ୍ୟବସାୟରେ ଉନ୍ନତି, ମାଙ୍ଗଳିକ କାମର ପ୍ରସ୍ତୁତି, ବନ୍ଧୁ ମିଳନରୁ ଆନନ୍ଦ, ଯାତ୍ରାରେ ସଫଳତା, ପେଟ ଗୋଳମାଳ ।।

**ମୀନ**
ମାନସିକ ଦ୍ୱନ୍ଦ୍ୱର ଅବସାନ, ଦୂରଯାତ୍ରାର ଯୋଜନା, ନିଷ୍ପତ୍ତି ପରିବର୍ତ୍ତନ କରିପାରନ୍ତି, ପରୋକ୍ଷ ଶତ୍ରୁତା, ସ୍ନାୟବିକ ଦୁର୍ବଳତା, ସ୍ଥଗିତ କାର୍ଯ୍ୟାରମ୍ଭ, ପ୍ରତିକୂଳତା କମିବ, ଦ୍ରବ୍ୟଲାଭରୁ ଖୁସୀ, ଦୂରଯାତ୍ରା ସଫଳ ହେବ, ଅର୍ଥନୈତିକ ପ୍ରଗତି ।।

# ଉପକାରୀ ଅଁଳା ଗଛ



ଅଁଳା ଗଛ ଯେତିକି ପବିତ୍ର ସେତିକି ଉପକାରୀ ବି। କାରଣ ଏଥିରେ ଭରି ରହିଛି ଅନେକ ଔଷଧୀୟ ଗୁଣ । ଆଧ୍ୟାତ୍ମିକ ଦୃଷ୍ଟିରୁ ବି ଏହା ବେଶ୍ ସମୃଦ୍ଧ । ଏହି ଗଛରେ ସ୍ୱୟଂ ଲକ୍ଷ୍ମୀନାରାୟଣ ବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଅନେକେ କୁହନ୍ତି, ପ୍ରତିଦିନ ସ୍ନାନ ସାରି ଅଁଳା ଗଛ ମୂଳରେ ଜଳ ଅର୍ପଣ କଲେ ପ୍ରଭୁ କୃପା ଲାଭ ହେବା ସହ ମା’ ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ସେହିପରି ଅଁଳାର ଔଷଧୀୟ ଗୁଣକୁ ତର୍ଜମା କଲେ ଜଣାଯାଏ, ଏହାର ସେବନ ଦ୍ୱାରା ଦୃଷ୍ଟିଶକ୍ତି ପ୍ରଖର ହୁଏ। ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି ଅଁଳାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ସ୍ମରଣଶକ୍ତିକୁ ତ୍ୱରାନ୍ୱିତ କରିବାରେ ମଧ୍ୟ ଏହା ଖୁବ୍ ଉପକାରୀ ହୋଇଥାଏ । ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଉତ୍ତର ଦିଗରେ ଅଁଳା ଗଛ ଲଗାଇ ପୂଜାକଲେ ସ୍ମୃତିଶକ୍ତି ପ୍ରଖର ହେବା ସହ ସନ୍ତାନଙ୍କର ମଙ୍ଗଳ ହୋଇଥାଏ । ଏପରିକି ଘର ମଧ୍ୟକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ। ଘରର ଉତ୍ତର ଦିଗରେ ଯଦି କୌଣସି ବାସ୍ତୁଦୋଷ ଥାଏ, ତା’ହେଲେ ଏହି ଦିଗରେ ଅଁଳା ଗଛ ଲଗାଇଲେ ତାହା ଆପେ ଠିକ୍ ହୋଇଯାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ଏହି ଗଛକୁ ଘରର ଖୁବ୍ ନିକଟରେ ନ ଲଗାଇ ଘରଠୁ ଟିକେ ଛାଡିକି ଲଗାଇବା ଭଲ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ପାଠକୀୟ

▶ସିଂହାସନ ! ଶକ୍ତି, ସାମର୍ଥ୍ୟ ଓ ବୀରତ୍ୱର ପ୍ରତୀକ ଇଏ । ଏହା ଏମିତି ଏକ ସ୍ଥାନ, ଯାହା ଉପରେ ଉପବିଷ୍ଟ ହେଉଥିବା ବ୍ୟକ୍ତିଙ୍କୁ ଗଣନା କରାଯାଏ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ୍ । ଇତିହାସ ସାକ୍ଷୀ ଅଛି ଏଇ ସିଂହାସନ ମୋହରେ ହୋଇଛି କେତେ ଯେ ଷଡ଼ଯନ୍ତ୍ର, କେତେ ଯେ ରକ୍ତପାତ। ତେଣୁ ଏଭଳି ଏକ ରୋଚକପୂର୍ଣ୍ଣ ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ ‘ସିଂହାସନ’ ସତରେ ବେଶ୍ ନିଆରା ଥିଲା ପଢିବାକୁ। ‘ସମୃଦ୍ଧି ପାଇଁ ବାସ୍ତୁ’, ‘ଘୁଙ୍ଗୁଡ଼ି କମାଇବ ଖଟ’ ଆଦି ପାଠଗୁଡ଼ିକରୁ ବହୁ ଅଜଣା କଥା ଜାଣିହେଲା ।

*– ମନସ୍ୱିନୀ ଧଳ, ପୋଖରୀପୁଟ, ଭୁବନେଶ୍ୱର*

▶ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ ‘ସିଂହାସନ’ ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା । ବ୍ୟକ୍ତିତ୍ୱ ପୃଷ୍ଠାରୁ ବ୍ରଜଙ୍କ ସୃଜନ ସଂସାର ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ସୃଜନ ପୃଷ୍ଠାରେ ସ୍ଥାନିତ ‘ବାପାଙ୍କ ଶାର୍ଟ’ ଶୀର୍ଷକ ଗପଟି ଯେତିକି ମନଛୁଆଁ ହୋଇଥିଲା ‘ଗାଁ ପାଇଁ ଗଜଲ’ ଓ ‘ମୁଁ ଇ’ ଶୀର୍ଷକ କବିତା ଦୁଇଟି ବି ସେତିକି ମର୍ମସ୍ପର୍ଶୀ ଥିଲା । ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ଲାଗୁଥିଲା ।

*– ସୋନାଲି ସାହୁ, ବାଦାମବାଡ଼ି, କଟକ*

▶ପ୍ରଥମ ରୋଜଗାର ସ୍ତମ୍ଭରୁ ବିଶିଷ୍ଟ ଗୀତିକାର, ସଂଳାପକାର ତଥା ସଙ୍ଗୀତ ନିର୍ଦ୍ଦେଶକ ବସନ୍ତ ରାଜ୍ ସାମଲଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ପଢିବାକୁ ବେଶ୍ ମନଛୁଆଁ ଲାଗୁଥିଲା । ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା । ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ‘ମିନି ସ୍କର୍ଟ ଫ୍ୟାଶନ’ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ମଡେଲ୍ ମିରର୍‌ରେ ଅନନ୍ୟା ବେଶ୍ ସୁନ୍ଦରୀ ଲାଗୁଥିଲେ ।

*– ରୁକ୍ମଣୀ ଦାଶ, ସମ୍ବଲପୁର*

▶ ପର୍ଯ୍ୟଟନରେ ମନୋରମ ‘ୟୁକସୋମ’ ସମ୍ପର୍କରେ ସହର ପୃଷ୍ଠାରୁ ପଢି ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ବିବିଧା ପୃଷ୍ଠାରେ ସ୍ଥାନିତ ‘ବ୍ଲେଡ ମଝିରେ କାହିଁକି ଥାଏ ଏକ ଖାସ୍ ଡିଜାଇନ୍’, ‘ସବୁଠୁ ସଂକୀର୍ଣ୍ଣ ନଦୀ’ ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା । ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ‘ସବୁଠାରୁ ସୁଖୀ ମଣିଷ’, ‘ସତ ମାଛ’, ‘ତିନି ମୁଣ୍ଡିଆ ଡ୍ରାଗନ’ ଆଦି ପାଠଗୁଡ଼ିକ ବି ରୋମାଞ୍ଚକର ଥିଲା ।

*– ପ୍ରତିଭା ଦାସ, ବଡ଼ଶଙ୍ଖ, ପୁରୀ*

▶ ମୋତେ ଛୁଟିଦିନର ପ୍ରତିଟି ପୃଷ୍ଠା ପଢିବାକୁ ବେଶ୍ ଭଲ ଲାଗେ । ବିଶେଷକରି ଏହାର ପ୍ରଚ୍ଛଦ ପ୍ରସଙ୍ଗ, ସିନେମା ପୃଷ୍ଠା, ସାଥୀର ଉତ୍ତର ଏବଂ ହାଃ ହାଃ ମୋର ଖୁବ୍ ପ୍ରିୟ । ପ୍ରତିଥରର ରାଶିଫଳ ବି ମୁଁ ପଢେ ; କାରଣ ଏହା ଉପରେ ମୋର ଗଭୀର ବିଶ୍ୱାସ ରହିଛି।

*– ଜିତେନ୍ଦ୍ର ବାରିକ, ସୋରୋ, ବାଲେଶ୍ୱର*

## ବିଶେଷ ଚିଠି




ସିଂହାସନକୁ ନେଇ ଥିଲା ଏଥରର ପ୍ରଚ୍ଛଦ
କରୁଥିଲା କିମିଆ ସେ ମନେ ଭରିଲା ଆନନ୍ଦ ।
ଲାଗୁଥିଲା ନିଆରା ବ୍ରଜଙ୍କ ସୃଜନ ସଂସାର
ଗପ, କବିତା ବି କରୁଥିଲା ମନକୁ ବିଭୋର ।
ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ମୁହିଁ କରୁଛି ନିବେଦନ
ଆସୁଥାଅ ଏମିତି ତୁମେ ସବୁଦିନ ।

*–ରୋହିତ ପୂଜାରୀ,*
*ଭବାନୀପାଟଣା, କଳାହାଣ୍ଡି*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପ୍ରେମ ପାଇଁ



**ପ୍ରେମର ସ୍ମାରକୀ ଭାବେ ଦିନେ ଶାହଜାହାନ ପତ୍ନୀ ମମତାଜଙ୍କ ସ୍ମୃତିରେ ଗଢ଼ିଥିଲେ ତାଜମହଲ; ଯାହାକି ଏବେ ବି ସେହି ଅମର ପ୍ରେମର ଗାଥା କହେ। ତେବେ କେବଳ ଇତିହାସ ପୃଷ୍ଠାରେ ନୁହେଁ ଆଜି ବି ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପ୍ରେମକୁ ଅମର କରିବା ପାଇଁ କରିଛନ୍ତି ଏଭଳି କିଛି କାମ; ଯାହା ଅନ୍ୟମାନଙ୍କୁ କରୁଛି ଚକିତ...**

ପ୍ରେମର ସ୍ମାରକୀଭାବେ ଦିନେ ଶାହଜାହାନ ପତ୍ନୀ ମମତାଜଙ୍କ ସ୍ମୃତିରେ ଗଢ଼ିଥିଲେ ତାଜମହଲ। ଯାହା ଏବେ ବି ସେହି ଅମର ପ୍ରେମର ଗାଥା କହେ। କିନ୍ତୁ ଏଠାରେ ଯେଉଁ ବ୍ୟକ୍ତିବିଶେଷଙ୍କ କଥା କୁହାଯାଉଛି, ସେମାନେ ବି ପ୍ରେମ କ୍ଷେତ୍ରରେ କିଛି ପଛରେ ନାହାନ୍ତି। ନିଜ ଭଲପାଇବାକୁ ଅମର କରିବାକୁ ଆଉ ସେହି ସ୍ମୃତିକୁ ମନରେ ସାଇତି ରଖିବାକୁ ସେମାନେ ଏମିତି କିଛି କାମ କରିଛନ୍ତି ; ଯାହାକି ଅନ୍ୟମାନଙ୍କୁ ଚକିତ କରୁଛି। କେଉଁଠି ସ୍ୱାମୀ ସ୍ତ୍ରୀଙ୍କ ସ୍ମୃତିରେ ମନ୍ଦିର ଗଢ଼ିଛନ୍ତି ତ ଆଉ କେଉଁଠି ଘରେ ସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି। ସେମିତି ଆଉ କେଉଁଠି ସ୍ତ୍ରୀ ବି ସ୍ୱାମୀ ପାଇଁ ମନ୍ଦିର ଗଢ଼ି ପ୍ରେମ ଓ ଭଲପାଇବାର ଉଦାହରଣ ସୃଷ୍ଟି କରିଛନ୍ତି...

**ସ୍ତ୍ରୀଙ୍କ ଇଚ୍ଛା ପାଇଁ ତାଙ୍କ ପ୍ରତିମୂର୍ତ୍ତି ଗଢ଼ିଲେ ସ୍ୱାମୀ:** ତାପସ ସାଣ୍ଡିଲ୍ୟ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଘର ତାଙ୍କର ପଶ୍ଚିମବଙ୍ଗରେ। ସ୍ତ୍ରୀ ଇନ୍ଦ୍ରାଣୀଙ୍କୁ ସେ ଖୁବ୍ ଭଲ ପାଉଥିଲେ। ଚାକିରି ଜୀବନରେ ଧର୍ମପତ୍ନୀଙ୍କୁ ନେଇ ଅନେକ ସ୍ଥାନ ସେ ବୁଲିବାକୁ ମଧ୍ୟ ଯାଇଥିଲେ। ଥରେ ମାୟାପୁର ଇସ୍କନ ମନ୍ଦିରକୁ ବୁଲିଯିବା ଅବସରରେ ସେମାନେ ସେଠାରେ ଇସ୍କନର ପ୍ରାଣପ୍ରତିଷ୍ଠାତା କୁହାଯାଉଥିବା ଅଭୟଚରଣାରବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି ଦେଖିଲେ ; ଯାହାକି ଏତେ ଜୀବନ୍ତ ଲାଗୁଥିଲା ଯେ ଇନ୍ଦ୍ରାଣୀଙ୍କର ଆଖି ସେଠାରୁ ହଟୁ ନ ଥିଲା। ପରେ ସେ ତାଙ୍କ ସ୍ୱାମୀଙ୍କୁ କହିଲେ, ଯଦି ତାଙ୍କର ଆଗୁଆ ମୃତ୍ୟୁ ହୋଇଯାଏ ତା'ହେଲେ ତାଙ୍କର ବି ଏହିଭଳି ଏକ ଜୀବନ୍ତ ପ୍ରତିମୂର୍ତ୍ତି ଗଢ଼ି ଘରେ ରଖିବେ। ସତକୁ ସତ ୨୦୨୧ ମସିହାରେ କରୋନା ରୋଗରେ ପୀଡ଼ିତ ହେଲେ ଇନ୍ଦ୍ରାଣୀ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଲା। ତାପସ ଇନ୍ଦ୍ରାଣୀଙ୍କ ସହ ମିଶି ରହୁଥିବାରୁ ତାଙ୍କୁ ବି ଆଇସୋଲେଶନ୍‌ରେ ରହିବାକୁ ବାଧ୍ୟ କରାଗଲା। ଯଦ୍ଦ୍ୱାରା ତାପସ ଆଉ ଇନ୍ଦ୍ରାଣୀଙ୍କୁ ଦେଖିପାରିଲେ ନାହିଁ। ତା'ରି ଭିତରେ ଇନ୍ଦ୍ରାଣୀଙ୍କର ସ୍ୱାସ୍ଥ୍ୟ ବେଶି ଖରାପ ହୋଇ ଦେହାନ୍ତ ହେଲା। ମୃତ୍ୟୁ ବେଳକୁ ବି ତାପସଙ୍କୁ ତାଙ୍କ ପାଖକୁ ଛଡ଼ାଗଲା ନାହିଁ। ଦୁଃଖରେ ଭାଙ୍ଗିପଡିଲେ ସେ। ଆଇସୋଲେଶନ୍‌ରୁ ବାହାରିବା ପରେ ସ୍ତ୍ରୀଙ୍କୁ ସେ ଖୁବ୍ ଝୁରିଲେ। ସେତେବେଳେ ତାଙ୍କର ମନେପଡିଲା ସ୍ତ୍ରୀ କହିଥିବା ସେହି ମୂର୍ତ୍ତି ତିଆରି କଥା। ତା'ପରେ ସେ ଜଣେ ଭଲ ମୂର୍ତ୍ତି କାରିଗରଙ୍କୁ ଖୋଜିଲେ ; ଯିଏକି ତାଙ୍କ ସ୍ତ୍ରୀଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି ତିଆରି କରିଦେବ। ବହୁ ସନ୍ଧାନ ପରେ ତାଙ୍କୁ ଜଣେ ଦକ୍ଷ କାରିଗର ମିଳିଲେ ; ଯିଏକି ସଂଗ୍ରହାଳୟ ପାଇଁ ବିଭିନ୍ନ ପ୍ରକାରର ସିଲିକନ୍ ପ୍ରତିକୃତିମାନ ତିଆରି କରୁଥିଲେ। ପ୍ରାୟ ୬ ମାସର ଅକ୍ଳାନ୍ତ ପରିଶ୍ରମ ପରେ କାରିଗର ଜଣଙ୍କ ତାପସଙ୍କୁ ତାଙ୍କ ସ୍ତ୍ରୀଙ୍କର ବସିଥିବା ଏକ ପୂର୍ଣ୍ଣ ଶରୀରର ସୁନ୍ଦର ସିଲିକନ୍ ପ୍ରତିମୂର୍ତ୍ତିଟିଏ ତିଆରି କରି ଦେଇଥିଲେ ; ଯାହାକି ଦେଖିବାକୁ ପୂରା ଜୀବନ୍ତ ଲାଗୁଥିଲା। ଉକ୍ତ ମୂର୍ତ୍ତିଟିର ଓଜନ ପ୍ରାୟ ୩୦ କି.ଗ୍ରା ଥିଲା ଆଉ ଏଥିପାଇଁ ତାପସଙ୍କୁ ପାଖାପାଖି ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। ମୃତ ସ୍ତ୍ରୀଙ୍କର ଇଚ୍ଛାକୁ ପୂରଣ କରିପାରିଥିବାରୁ ତାପସଙ୍କୁ ଗୋଟେ ପଟେ ଆତ୍ମସନ୍ତୋଷ ମିଳିଥିଲା ସିନା କିନ୍ତୁ ଏହି ମୂର୍ତ୍ତିକୁ ଘରେ ସ୍ଥାପନ କରିବାକୁ ନେଇ ପରିବାର ପକ୍ଷରୁ ତାଙ୍କୁ ବିରୋଧର ଶିକାର ହେବାକୁ ପଡିଲା। ହେଲେ ତାପସ ସେମାନଙ୍କୁ ବୁଝାଇଥିଲେ, ଯଦି ଆମେ ମୃତ ବ୍ୟକ୍ତିଙ୍କ ଫଟୋକୁ ଫୁଲମାଳ ଦେଇ ଘରେ ରଖିପାରିବା ତା'ହେଲେ ତାଙ୍କର ପ୍ରତିମୂର୍ତ୍ତିକୁ କାହିଁକି ରଖିପାରିବା ନାହିଁ? ଏହି କଥାକୁ ସମସ୍ତେ ଗ୍ରହଣ କରିବା ପରେ ଇନ୍ଦ୍ରାଣୀଙ୍କର ସିଲିକନ୍ ପ୍ରତିମୂର୍ତ୍ତିକୁ ତାପସ ଆଣି ଘରେ ଥିବା ଏକ ଝୁଲା ସୋଫାରେ ସ୍ଥାପନ କଲେ। ଆଉ ତାଙ୍କୁ ଅଳଙ୍କାର ଓ ସୁନ୍ଦର ଶାଢ଼ି ବି ପିନ୍ଧାଇ ଦେଇଥିଲେ। ପ୍ରତିଦିନ ସ୍ତ୍ରୀଙ୍କର ଏହି ପ୍ରତିମୂର୍ତ୍ତି ପାଖରେ ବସି ଦୁଃଖସୁଖ ହେବା, ଫ୍ୟାମିଲି ଫଟୋ ଦେଖିବା, ବେଳେବେଳେ ତାଙ୍କର ମୁଣ୍ଡ କୁଣ୍ଡାଇ ଦେବା ଇତ୍ୟାଦି କାର୍ଯ୍ୟ କରି ତାପସ ତାଙ୍କର ସମୟ ଅତିବାହିତ କଲେ। ଆଉ ସ୍ତ୍ରୀଙ୍କ ଅକାଳ ମୃତ୍ୟୁର ଦୁଃଖକୁ ଧୀରେ ଧୀରେ ଭୁଲିବାକୁ ଚେଷ୍ଟା ବି କଲେ। ଇନ୍ଦ୍ରାଣୀଙ୍କ ପ୍ରତି ତାପସଙ୍କର ଥିବା ଏଭଳି ଭଲପାଇବା ସତରେ ଖୁବ୍ ବିରଳ।



ଇନ୍ଦ୍ରାଣୀଙ୍କ ପ୍ରତିମୂର୍ତ୍ତି



ସ୍ତ୍ରୀ ଇନ୍ଦ୍ରାଣୀଙ୍କ ପ୍ରତିମୂର୍ତ୍ତି ସହ ତାପସ ସାଣ୍ଡିଲ୍ୟ

**ସ୍ତ୍ରୀଙ୍କ ସ୍ମୃତିରେ ନୂଆଘରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କଲେ ସ୍ୱାମୀ**


ଶ୍ରୀନିବାସ ଗୁପ୍ତା, କର୍ନାଟକର ଜଣେ ବ୍ୟବସାୟୀ। ସେ ତାଙ୍କ ସ୍ତ୍ରୀ ମାଧବୀଙ୍କୁ ଖୁବ୍



ମାଧବୀଙ୍କ ପ୍ରତିମୂର୍ତ୍ତି



ମାଧବୀଙ୍କ ପ୍ରତିମୂର୍ତ୍ତି ସହ ପରିବାର ସଦସ୍ୟ



ସ୍ଵାମୀ ଗୁରୁକୁଲ୍‌ଙ୍କ ପ୍ରତିମୂର୍ତ୍ତିକୁ ସ୍ତ୍ରୀ ପଦ୍ମାବତୀ ପୂଜା କରିବା ଅବସରରେ

ଭଲ ପାଆନ୍ତି। ମାଧବୀଙ୍କର ଗୋଟିଏ ବଡ଼ ଇଚ୍ଛା ଥିଲା, ତାଙ୍କର ନିଜ ଜାଗାରେ କେମିତି ଗୋଟିଏ ସୁନ୍ଦର ଘରଟିଏ ତିଆରି ହେଉ। ସ୍ଵାମୀ ବି ଖୁବ୍ ଚେଷ୍ଟା କରୁଥିଲେ ସ୍ତ୍ରୀର ଇଚ୍ଛାକୁ ପୂରଣ କରିବାକୁ। କିନ୍ତୁ ତା'ପୂର୍ବରୁ ହଠାତ୍ ଏକ ସଡ଼କ ଦୁର୍ଘଟଣାରେ ମାଧବୀଙ୍କର ମୃତ୍ୟୁ ହୋଇଗଲା। ଦୁଃଖରେ ଭାଙ୍ଗିପଡିଲେ ଶ୍ରୀନିବାସ। ଦୁଇ ଝିଅଙ୍କ ମୁହଁକୁ ଚାହିଁ ପୁଣି ସେ ନିଜକୁ ଦୃଢ଼ କଲେ। ମାଧବୀଙ୍କ ସ୍ୱପ୍ନକୁ ପୂରଣ କରିବାକୁ ଅଣ୍ଟାଭିଡ଼ିଲେ। ଶେଷରେ କିଛିଦିନ ଭିତରେ ତାଙ୍କର ଏକ ସୁନ୍ଦର ଘରଟିଏ ତିଆରି ହେଲା। ଆଉ ସେହି ଘରେ ସ୍ତ୍ରୀଙ୍କର ଏକ ମୂର୍ତ୍ତି ସ୍ଥାପନ କରିବାକୁ ଚିନ୍ତା କରି ଶ୍ରୀନିବାସ ବେଙ୍ଗାଲୁରୁର ଜଣେ ଦକ୍ଷ ମୂର୍ତ୍ତି କାରିଗରଙ୍କୁ ମାଧବୀଙ୍କର ଏକ ଅଲଟ୍ରା ରିଅଲିଷ୍ଟିକ୍ ସିଲିକନ୍ ପ୍ରତିମୂର୍ତ୍ତି ଗଢ଼ିବାର ଦାୟିତ୍ୱ ଦେଲେ। ଯଥା ସମୟରେ ମୂର୍ତ୍ତିଗଢ଼ା ମଧ୍ୟ ଶେଷ ହୋଇଗଲା। ଘରପ୍ରତିଷ୍ଠା ଦିନ ଯେତେବେଳେ ନୂଆଘରେ ଶ୍ରୀନିବାସ ମାଧବୀଙ୍କର ସେହି ପ୍ରତିମୂର୍ତ୍ତିକୁ ସ୍ଥାପନ କରି ତାଙ୍କର ଦୁଇ ଝିଅଙ୍କୁ ଦେଖାଇଲେ ଦୁଇଝିଅ ପୂରା ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କୁ ଲାଗିଲା ସତେ ଯେମିତି ତାଙ୍କ ମା' ପୁଣି ଥରେ ସେମାନଙ୍କ ପାଖକୁ ଫେରି ଆସିଛନ୍ତି। ସେମାନେ ଖୁସିରେ ମା'ଙ୍କୁ ସୁନ୍ଦର ଶାଢ଼ି ଆଉ ଅଳଙ୍କାରମାନ ପିନ୍ଧାଇ ତାଙ୍କ ସହିତ ଫ୍ୟାମିଲି ଫଟୋ ବି ଉଠାଇଲେ। ନୂଆ ଘରେ ପଡିଥିବା ନୂଆ ସୋଫାରେ ମାଧବୀଙ୍କର ସେହି ପ୍ରତିମୂର୍ତ୍ତିଟି ଏପରି ଭାବେ ରଖାଯାଇଥିଲା ଯେ, ଘର ପ୍ରତିଷ୍ଠାରେ ଯୋଗ ଦେବାକୁ ଯେଉଁ ଅତିଥି ଆସୁଥିଲେ ସିଏ ହଠାତ୍ ଦ୍ୱନ୍ଦ୍ୱରେ ପଡିଯାଉଥିଲେ ଯେ, ଏହା ଏକ ପ୍ରତିମୂର୍ତ୍ତି ନା ସତସତିକା ମାଧବୀ ଦେବୀ ସୋଫାରେ ବସିଛନ୍ତି।

## ସ୍ଵାମୀ କଲେ ସ୍ତ୍ରୀ ପାଇଁ ମନ୍ଦିର

ମଧ୍ୟପ୍ରଦେଶର ଶାଜାପୁରର ନିବାସୀ ହେଲେ ନାରାୟଣ ସିଂହ। ସେ ହେଲେ ଜଣେ ଧାର୍ମିକ ପ୍ରବୃତ୍ତିର ଲୋକ। ନିଜ ପିଲା ଓ ସ୍ତ୍ରୀ ଗୀତାବାଈଙ୍କୁ ସେ ଖୁବ୍ ଭଲ ପାଉଥିଲେ। ଗୀତାବାଈଙ୍କର ନରମ ସ୍ୱଭାବ ଓ ଧୀରସ୍ଥିର ଚାଲିଚଳଣକୁ ନାରାୟଣ ବେଶ୍ ପସନ୍ଦ କରୁଥିଲେ ଆଉ ତାଙ୍କୁ ସମ୍ମାନ ବି ଦେଉଥିଲେ। ବେଶ୍ ହସଖୁସିରେ ତାଙ୍କର ଦିନ ବିତୁଥିଲା। କିନ୍ତୁ ହଠାତ୍ ଦୁଃଖର ବାଦଲ ତାଙ୍କ ପରିବାର ଉପରକୁ ମାଡ଼ି ଆସିଲା। କରୋନା ରୋଗରେ ପୀଡିତ ହୋଇ ଗୀତାବାଈଙ୍କର ଅକାଳ ମୃତ୍ୟୁ ହେଲା। ସ୍ତ୍ରୀଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡିଲେ ନାରାୟଣ। ମା' ଛେଉଣ୍ଡ ହୋଇଗଲେ ତାଙ୍କ ପିଲାମାନେ। ସବୁବେଳେ ମା'ଙ୍କୁ ଝୁରିହେଲେ। ଗୀତାବାଈ ଜୀବିତାବସ୍ଥାରେ ନ ଥିଲେ କ'ଣ ହେଲା ତାଙ୍କର ଏକ ମୂର୍ତ୍ତିକୁ ସ୍ଥାପନ କରି ତାଙ୍କ ସହ ଦିନ କାଟିବାକୁ ଉଭୟ ନାରାୟଣ ଓ ତାଙ୍କ ପିଲାମାନେ ଶେଷରେ ନିଷ୍ପତ୍ତି ନେଲେ। ଗୀତାବାଈ ମରିବାର ତିନିଦିନ ପରେ ରାଜସ୍ଥାନର ଏକ ମୂର୍ତ୍ତି କାରିଗରଙ୍କୁ ତାଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି ଗଢିବାକୁ ସେମାନେ ଦାୟିତ୍ୱ ଦେଲେ। ଦେଢ଼ମାସ ପରେ ପ୍ରାୟ ୩ ଫୁଟ୍ ଉଚ୍ଚତାବିଶିଷ୍ଟ ଗୀତାବାଈଙ୍କର ଏକ ପ୍ରତିମୂର୍ତ୍ତିଟି ତିଆରି ହୋଇ ଆସିଲା। ପାଖପଡ଼ୋଶୀଙ୍କ ସହାୟତାରେ ସମସ୍ତେ ମିଶି ତାଙ୍କ ଘରର ଦାଣ୍ଡଦୁଆରକୁ ଲାଗି ଗୀତାବାଈଙ୍କ ପାଇଁ ଏକ ଛୋଟ ମନ୍ଦିର ଗଢିଲେ ଆଉ ତା' ମଧ୍ୟରେ ପ୍ରତିମୂର୍ତ୍ତିଟିକୁ ସ୍ଥାପନ କଲେ। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ନାରାୟଣ ଓ ତାଙ୍କର ପିଲାମାନେ ବିଶେଷକରି ଗୋଟିଏ ପୁଅ ଏହି ମନ୍ଦିରରେ ଗୀତାବାଈଙ୍କର ପୂଜାର୍ଚ୍ଚନା କରିଥାନ୍ତି ଆଉ ନିଜର ଦୁଃଖସୁଖ ତାଙ୍କ ସହିତ ବାଣ୍ଟିଥାନ୍ତି। ଆର୍ଥିକ ଦୃଷ୍ଟିରୁ ସେତେ ସ୍ୱଚ୍ଛଳ ନ ଥିଲେ ବି ସ୍ତ୍ରୀ ପ୍ରତି ଥିବା ନାରାୟଣଙ୍କର ଏହି ଭଲ ପାଇବାକୁ ଦେଖିଲେ ଲାଗେ, ଧନରେ ନୁହଁ ସେ ମନରେ ହେଉଛନ୍ତି ରାଜା।



ଗୁରୁକୁଲ୍ ଆଙ୍କି ରେଡ୍ଡୀଙ୍କ ପ୍ରତିମୂର୍ତ୍ତି

## ସ୍ତ୍ରୀଙ୍କ ସ୍ମୃତିରେ ସ୍ୱାମୀ ଗଢ଼ିଲେ ମନ୍ଦିର

କର୍ଣ୍ଣାଟକ ଚମରାଜନଗର ଜିଲା ଅନ୍ତର୍ଗତ ୟେଲାନ୍ଦୁର ତାଲୁକାର କ୍ରିଷ୍ଣାପୁର ଗାଁର ବାସିନ୍ଦା ହେଲେ ରାଜୁ ସ୍ୱାମୀ। ସ୍ନେହରେ ସମସ୍ତେ ତାଙ୍କୁ ରାଜୁ ବୋଲି ଡାକନ୍ତି। ପେସାରେ ଥିଲେ ସେ ଜଣେ କୃଷକ। ତାଙ୍କର ତିନି ଏକରର ଥିଲା ଏକ ଚାଷ ଜମି। ନିଜ ଭାଣିଜୀକୁ ସେ ପ୍ରେମବିବାହ କରିଥିଲେ। ଏଥିପାଇଁ ତାଙ୍କୁ ପରିବାର ତରଫରୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ହେଲେ ସେ ସବୁକୁ ସାହସର ସହ ସାମ୍ନା କରି ରାଜୁ ନିଜ ସ୍ତ୍ରୀକୁ ନେଇ ଖୁସିରେ ଦିନ କାଟିବାକୁ ଲାଗିଲେ। ସ୍ୱାମୀସ୍ତ୍ରୀ ମଧ୍ୟରେ ଥିଲା ଖୁବ୍ ନିବିଡ଼ତା। ଖୁସିରେ ସେ ନିଜ ସ୍ତ୍ରୀକୁ ରାଜାମ୍ମା ବୋଲି ଡାକୁଥିଲେ। ରାଜାମ୍ମା ଚାହୁଁଥିଲେ, ତାଙ୍କ ସ୍ୱାମୀ ତାଙ୍କ ଜମିର କିଛି ଜାଗାରେ ଏକ ଛୋଟ ମନ୍ଦିରଟିଏ ଗଢନ୍ତୁ, ଯେଉଁଠି ସେ ପ୍ରଭୁ ଶିବଙ୍କ ସହିତ ଶନିଶ୍ୱର, ସିଦ୍ଧପାଇ, ନବଗ୍ରହ ଆଦି ଠାକୁରଙ୍କର ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରିବେ। ରାଜୁ ବି ରାଜାମ୍ମାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଜମିରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। କିନ୍ତୁ ଏହି ଶୁଭ କାମ ଶେଷ ହେବା ପୂର୍ବରୁ ରାଜାମ୍ମାଙ୍କର ହଠାତ୍ ଦେହାନ୍ତ ହୋଇଗଲା ; ଯାହାକି ରାଜୁଙ୍କ ଦମ୍ଭକୁ ସମ୍ପୂର୍ଣ୍ଣ ଦୋହଲାଇଦେଲା। ତଥାପି ସେ ନିଜକୁ ଦୃଢ଼ କଲେ। ସ୍ତ୍ରୀର ଇଚ୍ଛାକୁ ପୂରଣ କରିବାକୁ ଅଣ୍ଟାଭିଡ଼ିଲେ। ପାଖାପାଖି ୨ ବର୍ଷ ଲାଗିଗଲା ତାଙ୍କୁ ଏହି ମନ୍ଦିର କାର୍ଯ୍ୟ ଶେଷ କରିବାକୁ। ୨୦୦୬ରେ ମନ୍ଦିରଟିର ନିର୍ମାଣ କାର୍ଯ୍ୟ ଶେଷ ହେଲା। ମନ୍ଦିର କାର୍ଯ୍ୟ ସରିବା ପରେ ରାଜୁ ସ୍ତ୍ରୀର ଇଚ୍ଛାନୁଯାୟୀ, ସେହି ମନ୍ଦିରରେ ପ୍ରଭୁ ଶିବଙ୍କ ସହିତ ଶନିଶ୍ୱର, ସିଦ୍ଧପାଇ, ନବଗ୍ରହଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସଙ୍ଗେ ସଙ୍ଗେ ସ୍ତ୍ରୀଙ୍କୁ ସମ୍ମାନ ଦେଇ ସେଠାରେ ତାଙ୍କର ମଧ୍ୟ ଏକ ପ୍ରତିମୂର୍ତ୍ତି ସ୍ଥାପନ କଲେ ଆଉ ସେଠାରେ ଯଥାବିଧି ପୂଜାର୍ଚ୍ଚନା ବି କରିବାକୁ ଲାଗିଲେ। ସେବେଠାରୁ ଏହି ମନ୍ଦିରଟି ରାଜାମ୍ମା ମନ୍ଦିର ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି।

## ବାପାଙ୍କ ପାଇଁ ଝିଅ ମା'ର ପ୍ରତିମୂର୍ତ୍ତି ଗଢ଼ିଲେ

ମାଣ୍ଡଭ କୁଟୁମ୍ବ ରାଓ, ଯିଏକି ପେସାରେ ଜଣେ ଇଲେକ୍ଟ୍ରିସିଆନ୍। ବିଜୟୱାଡାରେ ତାଙ୍କର ଘର। ଜଣେ ପରିବେଶବିତ୍ ଓ ସାମାଜିକ କର୍ମୀ ଭାବେ ବି ସେ ଜଣାଶୁଣା। ତାଙ୍କର ସମସ୍ତ କାର୍ଯ୍ୟରେ ସ୍ତ୍ରୀ କାଶୀ ଅନ୍ନପୂର୍ଣ୍ଣା ବି ତାଙ୍କୁ ଖୁବ୍ ସାହାଯ୍ୟ କରନ୍ତି। ଛାତ ଉପରେ ଅର୍ଗାନିକ୍ ଗାର୍ଡେନ କରିବାଠାରୁ ଆରମ୍ଭ କରି ରାସ୍ତା କଡ଼ରେ ଗଛ ଲଗାଇବା ଓ ତାହାର ଯତ୍ନ ନେବାରେ ବି ସ୍ୱାମୀଙ୍କୁ ବେଶ୍ ସହାୟତା କରିଥାନ୍ତି ଅନ୍ନପୂର୍ଣ୍ଣା। ସେଥିପାଇଁ ସ୍ୱାମୀସ୍ତ୍ରୀଙ୍କ ଭିତରେ ଥାଏ ବେଶ୍ ନିବିଡ଼ତା। ହେଲେ ୨୦୨୦ ଜୁଲାଇରେ କରୋନା ରୋଗରେ ପୀଡିତ ହୋଇ ହଠାତ୍ ମୃତ୍ୟୁ ମୁଖରେ ପଡନ୍ତି ଅନ୍ନପୂର୍ଣ୍ଣା। ସ୍ତ୍ରୀଙ୍କ

→



କାଶୀ ଅନ୍ନପୂର୍ଣ୍ଣାଙ୍କ ପ୍ରତିମୂର୍ତ୍ତି



ରାଜାମ୍ମାଙ୍କ ପ୍ରତିମୂର୍ତ୍ତି



ସ୍ତ୍ରୀ କାଶୀ ଅନ୍ନପୂର୍ଣ୍ଣାଙ୍କ ପ୍ରତିମୂର୍ତ୍ତିଙ୍କ ସହ ସ୍ୱାମୀ ମାଣ୍ଡଭ କୁଟୁମ୍ବରାଓ



ସ୍ତ୍ରୀ ଗୀତାବାଈଙ୍କ ପ୍ରତିମୂର୍ତ୍ତି ସହ ସ୍ୱାମୀ ନାରାୟଣ ସିଂହ

ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗିପଡନ୍ତି ମାଣ୍ଡଭ। ପାଗଳପ୍ରାୟ ହୋଇ କାମଦାମକୁ ବି ଯାଆନ୍ତି ନାହିଁ କି କାହା ସହିତ ମିଶନ୍ତି ନାହିଁ। ତାଙ୍କର ଗୋଟିଏ ଝିଅ ମାଣ୍ଡଭା ଶାଶ୍ୟା ; ଯିଏକି ଆମେରିକାରେ ରୁହନ୍ତି, ସିଏ ବାପାଙ୍କର ଏଭଳି ଅବସ୍ଥା ଦେଖି ତାଙ୍କୁ ସହଜ କରିବାକୁ ବହୁତ ଚେଷ୍ଟା କରନ୍ତି। କିନ୍ତୁ ପ୍ରତିଥର ତାଙ୍କୁ ନିରାଶ ହେବାକୁ ପଡେ। ଏମିତିରେ ଶାଶ୍ୟା ସିଲିକନ୍ ପ୍ରତିମୂର୍ତ୍ତି ବିଷୟରେ ସୋସିଆଲ୍ ମିଡିଆରୁ ଜାଣିବାକୁ ପାଆନ୍ତି। ବାପାଙ୍କୁ ଠିକ୍ କରିବା ପାଇଁ ଏହା ହିଁ ଏକମାତ୍ର ଉପାୟ ବୋଲି ଚିନ୍ତା କରି କାରିଗର ସାହାଯ୍ୟରେ ସେ ତାଙ୍କ ମା'ଙ୍କର ଏକ ସିଲିକନ୍ ପ୍ରତିମୂର୍ତ୍ତି ତିଆରି କରି ବାପାଙ୍କୁ ଦେଖାନ୍ତି। ବାପାଙ୍କ ମୁହଁରେ ଟିକେ ପରିବର୍ତ୍ତନ ଦେଖି ତାଙ୍କୁ ବହୁତ ଖୁସି ଲାଗେ। ତା'ପରେ ସେ ମା'ଙ୍କ ପ୍ରତିମୂର୍ତ୍ତିକୁ ତାଙ୍କ ଘରେ ଥିବା ଏକ ଝୁଲାରେ ବସାଇ ତାଙ୍କୁ ଗହଣା ଓ ଶାଢ଼ି ପିନ୍ଧାଇ ସୁନ୍ଦର ଭାବେ ସଜାଇଦିଅନ୍ତି। ପ୍ରତିଦିନ ସେହି ମୂର୍ତ୍ତିକୁ ଦେଖିଦେଖି ତାଙ୍କ ବାପା ସୁସ୍ଥ ହେବାକୁ ଲାଗନ୍ତି। ମୂର୍ତ୍ତି ରୂପରେ ତାଙ୍କ ପତ୍ନୀକୁ ନିଜ ପାଖରେ ପାଇ ମାଣ୍ଡଭ ଦୁନିଆର ସବୁ ସୁଖ ପାଇଯାଇଛନ୍ତି ବୋଲି ଭାବି ବେଶ୍ ଖୁସିରେ ଦିନ ବିତାନ୍ତି, ଯାହାକି ଝିଅ ଶାଶ୍ୟାଙ୍କୁ ବି ଖୁବ୍ ଆତ୍ମସନ୍ତୋଷ ଦେଇଥାଏ।

## ସ୍ତ୍ରୀଙ୍କ ସହ ଗପିବାକୁ ତାଙ୍କର ଏକ ମୂର୍ତ୍ତି ଗଢ଼ିଲେ ସ୍ୱାମୀ

ତାମିଲନାଡୁ ମଦୁରାଇର ଜଣେ ୭୬ ବର୍ଷୀୟ ବ୍ୟବସାୟୀ ହେଲେ ସେଥୁରମନ୍। ସେ ତାଙ୍କ ସ୍ତ୍ରୀ ପିଚାଇମାନିଆମ୍ମାଲଙ୍କୁ ଖୁବ୍ ଭଲ ପାଉଥିଲେ। ଏମିତି ଗୋଟିଏ ବି ଦିନ ନାହିଁ ଯେଉଁଦିନ ସିଏ ନିଜ ସ୍ତ୍ରୀ ସହିତ ଅଳ୍ପ ସମୟ ପାଇଁ ହେଉନା କାହିଁକି ଦୁଃଖସୁଖ ହୋଇ ନ ଥାନ୍ତି। ଯଦି କୌଣସି ଜରୁରୀ କାମରେ ବ୍ୟସ୍ତ ରହି ଘରୁ କୁଆଡ଼େ ଯାଇଥାନ୍ତି, ତା'ହେଲେ ଫୋନ୍‌ରେ ବି ସେ ସ୍ତ୍ରୀ ସାଙ୍ଗରେ ଟିକେ କଥା ହୋଇଯା'ନ୍ତି। କହିବାକୁ ଗଲେ ଏହି କଥାବାର୍ତ୍ତା ହିଁ ସେମାନଙ୍କୁ ଶକ୍ତି ଯୋଗାଉଥାଏ ଜୀବନ ପଥରେ ଆଗେଇ ଯିବାକୁ ଆଉ ଖୁସି ରହିବାକୁ। କିନ୍ତୁ ହଠାତ୍ ଦିନେ ହୃଦ୍‌ଘାତର ଶିକାର ହୁଅନ୍ତି ସେଥୁରମନ୍‌ଙ୍କ ସ୍ତ୍ରୀ। ଡାକ୍ତରଙ୍କ ବହୁ ଚେଷ୍ଟା ସତ୍ତ୍ୱେ ବି ସେ ଆଉ ବଞ୍ଚିପାରନ୍ତି ନାହିଁ। ସ୍ତ୍ରୀଙ୍କୁ ହରାଇ ସମ୍ପୂର୍ଣ୍ଣ ଏକଲା ହୋଇଯାଆନ୍ତି ସେଥୁରମନ୍। ପରିବାରରେ ଅନ୍ୟ ଲୋକେ ଥିଲେ ବି ସ୍ତ୍ରୀ ବିନା ତାଙ୍କୁ କିଛି ଭଲ ଲାଗେନା। ବିଶେଷକରି ସ୍ତ୍ରୀ ସାଙ୍ଗରେ କଥାବାର୍ତ୍ତା ନ ହେବାର ଦୁଃଖ ତାଙ୍କୁ ବେଶି କଷ୍ଟ ଦେଉଥିଲା। ଏହି ସମୟରେ ସୋସିଆଲ ମିଡିଆରୁ ସେ ଜାଣିବାକୁ ପାଇଲେ ଯେ, କର୍ନାଟକର ଜଣେ ବ୍ୟବସାୟୀ ତାଙ୍କର ଘରପ୍ରତିଷ୍ଠାରେ ମୃତ ସ୍ତ୍ରୀଙ୍କର ଏକ ସିଲିକନ୍ ମୂର୍ତ୍ତି ସ୍ଥାପନ କରିବାର କଥା। ସେ ବି ସେମିତି କିଛି କରିବାକୁ ଚିନ୍ତା କରି ମୂର୍ତ୍ତି କାରିଗରଙ୍କ ସହାୟତାରେ ଫାଇବର୍‌ଗ୍ଲାସ୍ ଓ ରବର ସାହାଯ୍ୟରେ ୬ ଫୁଟ୍‌ର ନିଜ ସ୍ତ୍ରୀଙ୍କର ଏକ ପ୍ରତିମୂର୍ତ୍ତି ଗଢିଲେ ଆଉ ଘରେ ତାହାକୁ ସ୍ଥାପନ ବି କଲେ। ପ୍ରତିମୂର୍ତ୍ତି ସ୍ଥାପନ କରିବା ପରେ ପ୍ରତିଦିନ ସେଠାରେ କିଛି କିଛି ସମୟ ବସି ନିଜ ମନକଥା କହି ସେ ମନକୁ ହାଲୁକା କରିଥାନ୍ତି। ସେଥୁରମନ୍ ସ୍ତ୍ରୀଙ୍କ ପାଖରେ ବସି ମନ ହାଲ୍‌କା କରିବା ପାଇଁ ଯେଉଁ ଚେଷ୍ଟା କରନ୍ତି ତାହା ସତରେ ଖୁବ୍ ହୃଦୟ ବିଦାରକ।



ସ୍ତ୍ରୀ ପିଚାଇମାନିଆମ୍ମାଲଙ୍କ ପ୍ରତିମୂର୍ତ୍ତି ସହ ସ୍ୱାମୀ ସେଥୁରମନ୍

## ସ୍ୱାମୀଙ୍କ ସ୍ମୃତିରେ ସ୍ତ୍ରୀ ଗଢ଼ିଲେ ମନ୍ଦିର

କେବଳ ସ୍ୱାମୀ କାହିଁ କି ସ୍ତ୍ରୀ ବି ନିଜ ସ୍ୱାମୀଙ୍କ ସ୍ମୃତିକୁ ମନେପକାଇବାକୁ ଆଉ ତାଙ୍କୁ ମନ ମନ୍ଦିରରେ ପୂଜା କରିବାକୁ ବି କ'ଣ ଯେ କରିପାରେ ତାହାର ଏକ ନିଆରା ନିଦର୍ଶନ ଦେଖିବାକୁ ମିଳେ ଆନ୍ଧ୍ରପ୍ରଦେଶରେ। ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ନାମକ ଏକ ଜିଲାରେ ରୁହନ୍ତି ପଦ୍ମାବତୀ। ୨୦୦୭ରେ ଏକ କାର୍ ଦୁର୍ଘଟଣାରେ ତାଙ୍କ ସ୍ୱାମୀ ଗୁରୁକୁଲ୍ ଆଙ୍କି ରେଡ୍ଡୀଙ୍କର ଅକାଳ ବିୟୋଗ ହୋଇଥିଲା। ସ୍ୱାମୀଙ୍କୁ ହରାଇ ପାଗଳୀପ୍ରାୟ ହୋଇଯାଉଥିଲେ ପଦ୍ମାବତୀ। ସବୁବେଳେ ସ୍ୱାମୀଙ୍କୁ ଝୁରୁଥିଲେ। ଦିନେ ତାଙ୍କ ସ୍ୱାମୀ ସ୍ୱପ୍ନରେ ଆସି ତାଙ୍କ ପାଇଁ ଏକ ମନ୍ଦିର ଗଢିବାକୁ କହିଲେ ଆଉ ତାଙ୍କୁ ପୂଜା କରିବାକୁ ବି ପରାମର୍ଶ ଦେଲେ। ସ୍ୱପ୍ନ ଦେଖି ହଠାତ୍ ଚମକି ପଡିଲେ ପଦ୍ମାବତୀ। ତାଙ୍କର ତାଙ୍କ ମା'ଙ୍କ କଥା ମନେପଡିଲା। ସିଏ ବି ପିଲାଟିବେଳୁ ଦେଖିଥିଲେ ତାଙ୍କ ମା' ତାଙ୍କ ବାପାଙ୍କୁ ଖୁବ୍ ମାନୁଥିଲେ ଆଉ ତାଙ୍କୁ ପୂଜା ବି କରୁଥିଲେ। ତେଣୁ ସିଏ ବି ସେୟା କରିବାକୁ ଚିନ୍ତା କରି ଟଙ୍କା ଯୋଗାଡ଼ରେ ଲାଗିଲେ। କିଛି ଟଙ୍କା ଯୋଗାଡ଼ ହୋଇଯିବା ପରେ ତାଙ୍କ ସ୍ୱାମୀଙ୍କର ଥିବା ଏକ ଜମିରେ ଗୋଟିଏ ଛୋଟ ମନ୍ଦିର ତିଆରି କଲେ। ଆଉ ସେଠାରେ ଧଳା ମାର୍ବଲରେ ତିଆରି ସ୍ୱାମୀଙ୍କର ପ୍ରତିମୂର୍ତ୍ତିକୁ ସ୍ଥାପନ କରି ପ୍ରତିଦିନ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ଏପରିକି ପ୍ରତି ସପ୍ତାହର ଶେଷଦିନ ଏବଂ ପ୍ରତି ପୂର୍ଣ୍ଣିମା ଦିନ ପଦ୍ମାବତୀ ତାଙ୍କ ସ୍ୱାମୀଙ୍କ ନାଁରେ କିଛି ଗରିବ ଲୋକଙ୍କୁ ଖାଇବାକୁ ମଧ୍ୟ ଦେଲେ। ଏହା ଦେଖି ସ୍ଥାନୀୟ ଲୋକେ ପଦ୍ମାବତୀଙ୍କୁ ଯେତିକି ପ୍ରଶଂସା କରୁଥିଲେ କ୍ରମେ କିଛି ଲୋକ ତାଙ୍କୁ ସାହାଯ୍ୟର ହାତ ବି ବଢ଼ାଇଲେ। ତେବେ ସେ ଯାହା ବି ହେଉ ସ୍ୱାମୀଙ୍କ ସ୍ମୃତିରେ ପଦ୍ମାବତୀ ଏପରି ଏକ ମନ୍ଦିର ଗଢ଼ି ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି।

ଶେଷରେ କେବଳ ଏତିକି କୁହାଯାଇପାରେ ଯେ, ସ୍ୱାମୀ-ସ୍ତ୍ରୀର ସମ୍ପର୍କ କେବଳ ଗୋଟିଏ ଜନ୍ମର ନୁହଁ, ଏହା ଜନ୍ମ ଜନ୍ମାନ୍ତରର। ବିଶ୍ୱାସ, ଭଲପାଇବାରେ ଗଢ଼ିଉଠିଥିବା ଏହି ପବିତ୍ର ସମ୍ପର୍କକୁ ମୃତ୍ୟୁ ସିନା ଦୁହିଁଙ୍କ ଶରୀରକୁ ଅଲଗା କରିଦିଏ କିନ୍ତୁ ମନରୁ ପୋଛିପାରେନା ଏହାର ନିବିଡ଼ତାକୁ।

–ଅନ୍ୱିତା ମିଶ୍ର





# ମହାପ୍ରଭୁଙ୍କ କାମରେ ଆତ୍ମତୃପ୍ତି ମିଳେ

ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ପ୍ରସାରରେ ମନୋନିବେଶ କରି ଅନେକ ଭକ୍ତଙ୍କ ଅନୁଭବ ଓ ଅନୁଭୂତିକୁ ନେଇ ସେ ସ୍ୱତନ୍ତ୍ର ଶୈଳୀରେ ରଚନା କରିଛନ୍ତି ଏକାଧିକ ପୁସ୍ତକ। ଯେଉଁ ପୁସ୍ତକର ନାଁ ଅ'ରୁ ଆରମ୍ଭ ହୁଏ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥାରୂଢ଼ ବେଳେ ତାଙ୍କ ନିକଟରେ ସେ ସେହି ପୁସ୍ତକକୁ ସମର୍ପଣ କରିଥାନ୍ତି। ଏହାଛଡା ତାଙ୍କର ରହିଛି ବିଭିନ୍ନ ସାହିତ୍ୟକୃତୀ, ଯେଉଁଥିପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ଗାଳ୍ପିକ, କବି **ପୀତବାସ ରାଉତରାୟ**। ଜନ୍ମ ୧୯୫୨ ମସିହା ହେରାପଞ୍ଚମୀ ତିଥିରେ। ଘର ପୁରୀ ଜିଲା କୋଣାର୍କ ଅନ୍ତର୍ଗତ କରମଙ୍ଗା ଗ୍ରାମରେ। ବାପା ଭଗବାନ ଖଟୋଇ, ମା' ପ୍ରଫୁଲ୍ଲ ଖଟୋଇ। ସେ କୁହନ୍ତି, ' ମୋ ଅଜା ଥିଲେ ଜଣେ ଜମିଦାର। ସେ ଶିକ୍ଷାକୁ ଯଥେଷ୍ଟ ମାନ୍ୟତା ଦେଉଥିଲେ। ତାଙ୍କରି ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା କୋଣାର୍କ ଉଚ୍ଚ ବିଦ୍ୟାଳୟ। ବାପା ଅଜାଙ୍କ ଘରକୁ ଘରଜ୍ୱାଇଁ ହୋଇ ଆସିଥିବାରୁ ଅଜାଙ୍କ ଘରେ ଆମେ ଭାଇ ଭଉଣୀ ବଢ଼ିଥିଲୁ। ବାପା ନହିର ସମବାୟ ବିଭାଗରେ ଚାକିରି କରିଥିଲେ। ପରେ ଭୁବନେଶ୍ୱର ଆସିଲେ। ସେତେବେଳେ ଘରକୁ ବିଭିନ୍ନ ଖବରକାଗଜ ଆସୁଥିଲା। ମୀନା ବଜାର ଓ ଇନ୍ଦ୍ରଧନୁରେ ପିଲାଙ୍କ ନିମନ୍ତେ ବିଭିନ୍ନ ଲେଖା ପ୍ରକାଶିତ ହେଉଥିବାରୁ ବାପା ସେସବୁକୁ ମୋ ପାଇଁ ଆଣୁଥିଲେ। ମୁଁ ସେସବୁ ପଢିବା ସହ ସେଇ ସମୟରୁ ଲେଖାଲେଖି ଆରମ୍ଭ କରିଥିଲି। ସେଥିରେ ମୋ ଲେଖା ପ୍ରକାଶିତ ହୋଇଥିଲା। ଏଥିଯୋଗୁ ବହୁତ ଉତ୍ସାହିତ ହୋଇପଡ଼ିଥିଲି। ସେବେଠାରୁ ଲେଖାଲେଖି ପ୍ରତି ରୁଚି ବଢ଼ିଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଏବଂ ଏମ୍.ଫିଲ୍. ସାରିବାପରେ କେନ୍ଦ୍ର ସରକାରଙ୍କ ଅଧୀନରେ ଦୁଇବର୍ଷ ପର୍ଯ୍ୟନ୍ତ ଏକ ଚାକିରିରେ ରହିଲି। ତା'ପରେ ଫର୍ଟିଲାଇଜର କର୍ପୋରେଶନ ଅଫ୍ ଇଣ୍ଡିଆରେ ଦଶବର୍ଷ ଓ ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍‌ରେ ପ୍ରାୟ ୨୭ବର୍ଷ ଚାକିରି କରିଥିଲି। ତେବେ ପ୍ରଭୁଶ୍ରୀ ଜଗନ୍ନାଥ ଓ ପୁରୀ ପ୍ରତି ମୋର ଆକର୍ଷଣ ପିଲାଟି ଦିନରୁ ରହି ଆସିଛି। ପ୍ରତିବର୍ଷ କାର୍ତ୍ତିକ ମାସରେ ବୋଉ ପୁରୀରେ ଯାଇ ରହୁଥିଲା। ଜଗନ୍ନାଥଙ୍କୁ ଦର୍ଶନ କରୁଥିଲା। ଏଥିପାଇଁ ମଝିରେ ମଝିରେ ବାପା ଭୁବନେଶ୍ୱରରୁ ପୁରୀକୁ ଆସୁଥିଲେ। ତାଙ୍କ ସହିତ ମୁଁ ବି ପୁରୀକୁ ଆସୁଥିଲି। ଏମିତିରେ ଅନ୍ୟ ସମୟରେ ମଧ୍ୟ ପୁରୀକୁ ଆସୁଥିଲୁ। ଥରେ ଜେଜେମା'ଙ୍କଠାରୁ ଶୁଣିଥିଲି ପିଲାଦିନେ ବାପା ବସନ୍ତରୋଗରେ ପୀଡ଼ିତ ହୋଇଥିଲେ। ଏହି ରୋଗରୁ ଆରୋଗ୍ୟ ନିମନ୍ତେ ଜେଜେମା' ତାଙ୍କୁ କଦଳୀ ପତ୍ରରେ ଶୁଆଇ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଥିଲେ। ଆଉ କହିଥିଲେ ପୁଅ ବଡ଼ ହେଲେ ପ୍ରତିବର୍ଷ ରଥଯାତ୍ରାରେ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ କରି ଭୋଗଲାଗି କରିବ। ସମୟକ୍ରମେ ବାପାଙ୍କ ଦେହ ସୁସ୍ଥ ହୋଇଯାଇଥିଲା। ଏହାପରେ ପ୍ରତିବର୍ଷ ବାପା ରଥଯାତ୍ରାକୁ ଆସି ରଥରେ ଭୋଗ କରୁଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ତାଙ୍କ ସହିତ ମୁଁ ମଧ୍ୟ ଆସୁଥିଲି। ସେ କହୁଥିଲେ, ଜଗନ୍ନାଥଙ୍କୁ ନିଜ ପାଇଁ କିଛି ମାଗ ନାହିଁ। କେବଳ କହିବ ବିଶ୍ୱବାସୀଙ୍କ ମଙ୍ଗଳ ହେଉ। କିନ୍ତୁ ଗୋଟେବର୍ଷ ବାପାଙ୍କ ଦେହ ଅସୁସ୍ଥ ଯୋଗୁ ସେ ପୁରୀକୁ ଆସିପାରି ନଥିଲେ। ଏଥିପାଇଁ ତାଙ୍କ ଆଖି ଲୁହ ଛଳଛଳ ହୋଇଗଲା। ମୁଁ ବାପାଙ୍କୁ ବୁଝାଇ କହିଥିଲି, ଶ୍ରୀଜଗନ୍ନାଥ ଭକ୍ତଙ୍କ ଅନୁଭବ ଓ ଅନୁଭୂତିର ପୁସ୍ତକଟିଏ ଆରମ୍ଭ କରିବି। ଏହି ପୁସ୍ତକକୁ ରଥାରୂଢ଼ବେଳେ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯିବ; ଯାହା ସମଗ୍ର ବିଶ୍ୱବାସୀ ପ୍ରସାଦ ରୂପେ ପାଇପାରିବେ। ଏହି କଥାରେ ବାପା ଖୁସି ହୋଇ ମତେ ହଜାର ଟଙ୍କା ଦେଇଥିଲେ। ଆଉ କହିଥିଲେ, ଏହି କାର୍ଯ୍ୟକୁ ଆଗେଇ ନେଇଚାଲ। ସେବେଠାରୁ ପ୍ରତିବର୍ଷ ମହାପ୍ରଭୁଙ୍କ ରଥାରୂଢ଼ବେଳେ ପୁସ୍ତକଟିଏ ପ୍ରକାଶନ କରି ତାଙ୍କ ପାଖରେ ସମର୍ପଣ କରୁଛି। ଦୀର୍ଘ ୧୬ ବର୍ଷ ଧରି ଏହି କାମ ମୁଁ ପ୍ରତିବର୍ଷ କରି ଆସୁଛି। ସମର୍ପଣ କରାଯାଉଥିବା ପୁସ୍ତକର ଏକାଧିକ ସଂସ୍କରଣ ବାହାରିଛି। ୨୦୨୦ ମସିହାରେ କରୋନା କଟକଣା ସମୟରେ ରାସ୍ତାଘାଟ, ହାଟବଜାର ସବୁକିଛି ବନ୍ଦ ହୋଇ ଯାଇଥିଲା। ଏହି ସମୟରେ କିପରି ପୁସ୍ତକ ପ୍ରକାଶନ କରିବି ଚିନ୍ତା ଥିଲା। କେହିକେହି ଭାବିଥିଲେ ବୋଧହୁଏ ଏଥର ପୁସ୍ତକ ପ୍ରକାଶନ ହୋଇପାରିବ ନାହିଁ। କିନ୍ତୁ ମହାପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର! ମୋ ମୋବାଇଲକୁ ଏତେ ପରିମାଣରେ ଲେଖା ଆସିଲା ଯେ ତାହା ଗୋଟିଏ ନୁହେଁ ଦୁଇଖଣ୍ଡ ବହି ହୋଇ ପ୍ରକାଶିତ ହେଲା। ଯାହାର ନାଁ 'ଅଦ୍ୱିତୀୟ ଶ୍ରୀଜଗନ୍ନାଥ' ଓ 'ଅକ୍ଷୟ ଶ୍ରୀଜଗନ୍ନାଥ'। ସତରେ ମହାପ୍ରଭୁଙ୍କ ପାଇଁ କିଛି କରିପାରିଲେ ଆତ୍ମତୃପ୍ତି ମିଳେ। ମୋର ବିଭିନ୍ନ ସାହିତ୍ୟକୃତୀର ସ୍ୱୀକୃତିସ୍ୱରୂପ ମତେ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ଯାହା ମଧ୍ୟରେ ଆସେ ଉତ୍କଳରତ୍ନ ସମ୍ମାନ, ବଳଭଦ୍ର ସମ୍ମାନ, ଶିଶୁଅନନ୍ତ ସମ୍ମାନ ଆଦି। ବ୍ୟଙ୍ଗ ସାହିତ୍ୟ ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ପୁରସ୍କାର, ଉତ୍କଳ ସାହିତ୍ୟ ସମ୍ମାନ, ଫକିରମୋହନ ସମ୍ମାନ, ଗଳ୍ପ ରଚନା ପାଇଁ ଅମୃତାୟନ, ନୀଳକଇଁ, ତୀର ତରଙ୍ଗ ଆଦି ସାହିତ୍ୟ ପତ୍ରିକାରୁ ବହୁ ପୁରସ୍କୃତ ହୋଇପାରିଛି। ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ଉପସଭାପତି ଭାବେ ମୁଁ କାର୍ଯ୍ୟ କରୁଛି। ବର୍ତ୍ତମାନ ମୁଁ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସମ୍ପାଦକ, ମୁକ୍ତ ଚିନ୍ତନର ସମ୍ପାଦକ, ଏକାମ୍ର ପୁସ୍ତକ ମେଳାର ସଭାପତି, ଓଡ଼ିଶା ଲେଖକ ସମବାୟ ସମିତିର କାର୍ଯ୍ୟକାରୀ ସଭାପତି। କିନ୍ତୁ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭାବେ କାର୍ଯ୍ୟ କରିଥିଲି। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ମୋ ସାହିତ୍ୟ ସାଧନାରେ ପତ୍ନୀ ମୀନାକ୍ଷୀ ରାଉତରାୟ ଅନୁବାଦକ ଭାବେ ସାଥୀ ହୋଇଛନ୍ତି। ଏବେ ପୁଅ ଝିଅ ଜ୍ୱାଇଁ ଓ ଦୁଇ ନାତୁଣୀଙ୍କୁ ନେଇ ମହାପ୍ରଭୁଙ୍କ ପାଖେ ସମର୍ପିତ ଜୀବନ ଖୁସିରେ ବିତୁଛି।

– **ବନବିହାରୀ ବେହେରା**











# ବାପା-ପୁଅ

–ସୁପ୍ତି କର

### ସ୍କେଚ୍–୧

କେହି କେହି ଆଶୀର୍ବାଦ ଦେଇ ମୋ ମୁଣ୍ଡରେ ହାତ ଥାପି କୁହନ୍ତି, ବଡ଼ ହୋ ରେ ଧନ। ମୁଁ ବି ମନରେ କୁରୁଳି ମାରେ ହଁ, ଜଲ୍‌ଦି ବଡ଼ ହୋଇଯାଆନ୍ତି କି। ତେବେ ବାପାଙ୍କ ଭଳି ପକେଟରେ ପଇସା ରଖି ବୁଲନ୍ତି। ମୋ ମନ ମୁତାବକ ଖର୍ଚ୍ଚ କରନ୍ତି। ଆଜି ବଡ଼ ହୋଇଯାଇଛି, ବାପା ବି ହୋଇଯାଇଛି ହେଲେ ମନ କହୁଛି ଛୋଟ ହୋଇଯାଆନ୍ତି କି ଫେରିଯାନ୍ତି କି ସେଇଦିନକୁ ଯେବେ ନା ଥିଲା ଦୁନିଆଦାରିର ଚିନ୍ତା, ନା ଥିଲା ଦୁଃଖ ଅଶାନ୍ତିର ଅନୁଭବ। ସେଠି ଥିଲେ ବାପା ଆଉ ଥିଲା ତାଙ୍କ ପରିଶ୍ରମୀ ହାତର ଅଭୟ ଛାୟା। ହଁ, ଇଚ୍ଛା ହେଉଛି ଫେରିଯିବାକୁ ସେଇ ପିଲାଦିନକୁ।

### ସ୍କେଚ୍–୨

କିଛି ବଦମାସି କଲେ ବାପାଙ୍କ ଗାଳି– 'ବହୁତ ବଡ଼ ହୋଇଗଲୁଣିତ' ଶୁଣି ଖରାପ ଲାଗୁଥିଲା। ଭାବୁଥିଲି ବଡ଼ ହୋଇଗଲେ କେତେ ଭଲ, ଆଉ ସବୁଠୁ ଭଲ ବାପା ହୋଇଗଲେ। କେହି କିଛି ବି କହିପାରିବେନି।

ଆଜି ବଡ଼ ହୋଇଯାଇଛି, ବାପା ବି ହୋଇସାରିଛି। ହେଲେ ବୟସ କ'ଣ ବୋଲ ମାନୁଛି। ବୟସର ଆଧିକ୍ୟତାରେ କିଛି ନା କିଛି ଓଲମବିଲମ ହୋଇଯାଉଛି। ପୁଅ,ବୋହୂଙ୍କ ଅପସନ୍ଦ ବହୁ ଜିନିଷ, ବହୁ କାର୍ଯ୍ୟ ଭୁଲ୍ ହୋଇଯାଉଛି।

ପୁଅ କହୁଛି – ବାପା କାହିଁକି ଏପରି ଛୋଟ ପିଲା ପରି ଗୁଣ କରୁଛ !

–ଜେ.ଏନ୍ .ଲେନ୍,ଡେଲି ମାର୍କେଟ
ରାଉରକେଲା–୭୬୯୦୦୧
ମୋ:୯୪୩୮୩୯୩୮୩୮



# ସହଜ

–ଶ୍ୟାମା କିଙ୍କର ମହାନ୍ତି

ଫେରାଇ ଦେଇ ଆସିଲି
ସ୍ମୃତିର ଚଉପଦୀ
ହଜେଇ ଦେଇ ଆସିଲି
ପ୍ରୀତିର ଏକପଦୀ
ଏବେ ମୋ ପାଖେ କେବଳ
ଅତୀତର ଆମ୍ବନେପଦୀ
ଆଉ କ'ଣ କରାଯାଇପାରେ
ଯାଉଛି..କବିତା ଲେଖିବି।

ଭାଜ୍ୟ ମୁଁ
ଭାଜକ ସମୟ
ଭାଗଫଳ ଅଜ୍ଞାତ
ଆଉ ଭାଗଶେଷ...
ଛାଡ଼...
ଯାଉଛି..କବିତା ଲେଖିବି।

ନା ସହଜ ଥିଲା ଆପଣେଇବା
ନା ସହଜ ଏବେ ଭୁଲିଯିବା
ନିହାତି କଷ୍ଟ ଥିଲା ଆଙ୍କିବା
ତା'ଠୁ ବି କଷ୍ଟ ଏବେ ଲିଭେଇଦେବା
ସହଜ ଆଉ ଅଛି କ'ଣ ଯେ...
ଯାଉଛି..କବିତା ଲେଖିବି।

–ମାର୍କଣ୍ଡେଶ୍ୱର ସାହି , ପୁରୀ
ମୋ: ୯୮୬୧୧୯୧୩୮୦

# ପାଞ୍ଚୋଟି ଏକପଦୀ

– ଭରତ ଚନ୍ଦ୍ର ଦାଶ

**ଏକ**

ତୁମେ ତ ଜାଣିଛ ମୋର ଏ ହୃଦୟ
ସାଇତା ପ୍ରୀତିର ଗାଥା
ଅନୁଭବେ ପ୍ରୀତି ସ୍ନେହ ପ୍ରେମ ସ୍ମୃତି
ପ୍ରଣୟୀ ପ୍ରଣୟ କଥା।

**ଦୁଇ**

ଜୀବନ ସଙ୍ଗୀତ ପ୍ରାଣେ ଅନୁଭୂତ
ଯାହା କହିଥିଲ ମୋତେ
ଆଶ୍ଳେଷରେ ମୋତେ ଭିଡ଼ିଧରିଥିଲ
ଏବେ ବି ଅଭୁଲା ଚିତ୍ତେ।

**ତିନି**

ମୁଗ୍ଧ କରିଛି ନୟନର ଠାଣି
ଅଧର ପୀୟୂଷେ ତୃପ୍ତ
ପ୍ରୀତିର ପରଶ ତନୁ ମନେ ଆଶ
ବନ୍ଧନେ ନୁହଁଇ ମୁକ୍ତ।

**ଚାରି**

ରୂପର ବିନ୍ୟାସ ଲୋଡ଼ାନାହିଁ ତବ
ତନୁରେ ଅତନୁ ଶୋଭା
ଲିଭାଅ ଆଲୋକ ଘନ ଅନ୍ଧକାରେ
ଜଳୁ ଗୋ ଦେହର ଆଭା।

**ପାଞ୍ଚ**

ତୁମେ ମୋ ଅତୀତ ତୁମେ ବର୍ତ୍ତମାନ
ତୁମେ ଭବିଷ୍ୟତ ଚିର
ତୁମ ବିନା ପ୍ରୀତି ପ୍ରାଣ ପ୍ରଦୀପରେ
ନିଷ୍ପ୍ରଭ ଜ୍ୟୋତିର ଧାର।

–ମାର୍କୋଣା,ବାଲେଶ୍ୱର
ମୋ: ୯୪୩୭୨୭୨୧୬୬





# କ୍ରିତି ଯାହା ଚାହୁଁଥିଲେ...

ଏପରି ବି ସମୟ ଆସେ ମଣିଷ ଯାହା ଖୋଜୁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଆଉ ସେତେବେଳେ ଯେଉଁ ଖୁସି ମିଳେ ତାହାକୁ ବର୍ଣ୍ଣନା କରିବା ସହଜ ନୁହେଁ। ଦେଖୁନାହାନ୍ତି, ମନଲାଖି ଅଫରଟିଏ ପାଇବା ପରେ କେମିତି କ୍ରିତି ସାନନ୍ଙ୍କର ଖୁସି ବନ୍ଧ ବାଡ ମାନୁନି। କଥା କ'ଣ କି ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କର ନୂଆ ସିନେମା ପାଇଁ କ୍ରିତିଙ୍କୁ ଯୋଗାଯୋଗ କରିଥିଲେ। ଆଲୋଚନାବେଳେ ହିଁ ସମୟ ଅପଚୟ ନ କରି ଏହି ସିନେମାରେ ଅଭିନୟ କରିବାକୁ ସମ୍ମତି ଜଣାଇଥିଲେ। ଏ ବିଷୟରେ ସେ କହନ୍ତି, 'ଯେଉଁ ନୂଆ ସିନେମାଟି ମୁଁ ସାଇନ୍ କରିଛି ସେଥିରେ ମିଳିଥିବା ମୋର ଭୂମିକାଟି ଡିଫରେଣ୍ଟ ଟେଷ୍ଟର ଅଟେ। ନିପଟ ମଫସଲର ଜଣେ ଯୁବତୀ କିପରି ଅଜବ ପରିସ୍ଥିତିରେ ପଡିଛି ଏବଂ ତାହାକୁ କେମିତି ମୁକାବିଲା କରୁଛି– ଏପରି ବିଷୟକୁ ନେଇ କାହାଣୀ ଆଗେଇଛି। ଏହି ଫିଲ୍ମରେ ଥିବା ମୋ ଭୂମିକାଟି ମୋ କ୍ୟାରିୟର ପାଇଁ ବେଶ୍ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। କେବଳ ସେତିକି ନୁହେଁ, ଏଭଳି ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲିଣି।' ଏହି ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଏକ ଟାଇଟଲ ମଧ୍ୟ ଖୋଜାଚାଲିଛି।


କ୍ରିତି

# ତଥାପି ଖୁସି

ଶାହୀଦ କପୁର ଇତି ମଧ୍ୟରେ ବଲିଉଡ୍‌ରେ ୨୦ ବର୍ଷ ପୂରଣ କରିଛନ୍ତି। ଆଉ ଏହି ଉତ୍‌ଥାନ–ପତନର କ୍ୟାରିୟରକୁ ନେଇ ସେ ବେଶ୍ ଖୁସି ଅଛନ୍ତି। ଶାହୀଦ କୁହନ୍ତି,'ଏହି କୋଡିଏ ବର୍ଷ ଭିତରେ ମୁଁ ଅଭିନୟର ଭରପୂର ମଜା ନେଇଛି। ଏହା ଭିତରେ ଭଲ ସମୟ ଆସିଛି, ଖରାପ ସମୟ ମଧ୍ୟ ଆସିଛି। ହେଲେ ମୁଁ ଫ୍ଲପ୍ ଫିଲ୍ମ ଲାଗି କେବେ ଭାଙ୍ଗି ପଡିନି। କାରଣ ସବୁବେଳେ ମୁଁ ମୋ ଦୋଷତ୍ରୁଟିକୁ ସଜାଡିବାକୁ ଚେଷ୍ଟା କରିଛି।' ଶାହୀଦଙ୍କର ବଲିଉଡ୍‌ରେ ଏଣ୍ଟ୍ରି ହୋଇଥିଲା ଚଳଚ୍ଚିତ୍ର 'ଇସ୍କ ଭିସ୍କ'ରୁ। ଫିଲ୍ମଟି ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କିନ୍ତୁ ଏହା ପୂର୍ବରୁ ତାଙ୍କୁ ବେଶ୍ କେତୋଟି ଅଫର ମିଳିଥିଲା, ହେଲେ ସେଗୁଡିକ କେବଳ ଅଫର୍‌ରେ ହିଁ ରହିଯାଇଥିଲା। ଏଭଳି ପରିସ୍ଥିତିକୁ ବେଶ୍ ବୁଦ୍ଧିମତାର ସହ ସାମନା କରିଥିଲେ ଶାହୀଦ। ନାମୀ କୋରିଓଗ୍ରାଫର ସୈମିକ ଡାଭରଙ୍କ ନିକଟରୁ ଡ୍ୟାନ୍ସ ଶିଖିବା ବେଳଠାରୁ ତାଙ୍କୁ ବଲିଉଡ୍‌ରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଅଫର ମିଳିଥିଲା। ହିନ୍ଦୀ ସିନେମାରେ ନାୟକ ସାଜିବା ପୂର୍ବରୁ ଶାହୀଦ ସୁବାସ ଘାଇଙ୍କ ଫିଲ୍ମ 'ତାଲ୍' ଏବଂ ଯଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହେ'ଫିଲ୍ମରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ।


ଶାହୀଦ

# ଟେନସନ୍‌ରେ ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ନିକଟରେ ସେ ସାଇନ୍ କରିଥିବା ଏକ ଅନଟାଇଟଲଡ୍ ଫିଲ୍ମର କେତୋଟି ସିନ୍‌ରେ ବୋଲଡ୍ ଶଟ୍ ଅଛି। ଆଉ ଜାହ୍ନବୀ କାଳେ ତାକୁ ନେଇ ଟେନ୍‌ସନ୍‌ରେ ଅଛନ୍ତି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ମୋର ଏଭଳି ସିନ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। ଏଭଳି ଶଟ୍ ବିଷୟରେ ଜାଣିବା ପରେ ଫାଇନାଲ୍ ନିଷ୍ପତ୍ତି ନେବା ଲାଗି ମୁଁ ପ୍ରଯୋଜନା ସଂସ୍ଥାକୁ ସମୟ ମାଗିଥିଲି। ଆଉ ସେମାନେ ମୋତେ ପାଖାପାଖି ଦୁଇ ସପ୍ତାହର ସମୟ ଦେଇଛନ୍ତି। ତେଣୁ ଏବେଠାରୁ ତରବର ହୋଇ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ଏଥିରେ ମୋତେ ଏକ ଚ୍ୟାଲେଞ୍ଜିଂ ଭୂମିକାଟିଏ ମିଳିଛି। ଆଉ ସେଭଳି ରୋଲ୍‌କୁ ନେଇ ମୁଁ ବେଶ୍ ଆଶାବାଦୀ ମଧ୍ୟ ଅଛି।' ତେବେ ଏଭଳି ଶଟ୍ ବିଷୟରେ ଜାହ୍ନବୀ କି ନିଷ୍ପତ୍ତି ନେଉଛନ୍ତି ତାହା ଜାଣିବାକୁ ବାକି ରହିଲା।


ଜାହ୍ନବୀ

# କ୍ୟାରିୟର ପାଇଁ..

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ବୁଜି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର୍ ତାଙ୍କ ହାତକୁ ଖସି ଯାଇଛି। ହେଲେ ତାକୁ ନେଇ ଆଦୌ ମନଦୁଃଖ କରୁନାହାନ୍ତି ଏହି ଅଭିନେତ୍ରୀ। ନିଜର ଏଭଳି ଆଭିମୁଖ୍ୟ ବିଷୟରେ ଶ୍ରଦ୍ଧା କହନ୍ତି, 'ଅଭିନୟ ଏକ ଛୋଟିଆ କଥା ନୁହେଁ। ପୁଣି ବଲିଉଡ୍‌ରେ ନିଜ କ୍ୟାରିୟରକୁ ଆଗେଇ ନେବାକୁ ହେଲେ ଦେଖି ଚାହିଁ ପାଦ ଥାପିବାକୁ ପଡିଥାଏ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବାକୁ କେତେକ ପସନ୍ଦ କରନ୍ତି। ହେଲେ ଯଦି ସେଗୁଡିକ ସିରିଜ୍ ଫ୍ଲପ୍ ହେଲା, ତେବେ ମନ ବିଷାଦରେ ଭରି ଯାଇଥାଏ। ସେଥିଲାଗି ସିନେମାଟିଏ ସାଇନ୍ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରି ହିଁ ନିଷ୍ପତ୍ତି ନେବି।' ଚଳିତ ମାସ ୮ରେ ତାଙ୍କ ଅଭିନୀତ 'ତୁ ଝୁଟି ମେଁ ମକ୍କାର' ରିଲିଜ ହୋଇଥିଲା। ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିବାରେ ସଫଳ ହୋଇନାହିଁ।


ଶ୍ରଦ୍ଧା

# ଡରକୁଳି ରିଚା

ରିଚା ଚଢ଼ା କାହାକୁ ବେଶୀ ଭୟ କରନ୍ତି ଜାଣନ୍ତି ? ନିଜ ଛାଇକୁ। ଏକ ଫିଲ୍ମର ଶୁଟିଂ ସମୟରେ ସେ ନିଜ ଛାଇକୁ ଦେଖି ଏମିତି ଡରିଗଲେ ଯେ ସେଥିଲାଗି ଶୁଟିଂକୁ ପାଖାପାଖି ଘଣ୍ଟାଏ ବନ୍ଦ ରଖିବାକୁ ପଡିଥିଲା। ଏଭଳି ରୋଚକ କଥା ବିଷୟରେ ସେ କହନ୍ତି, 'ଏକଦା ଏକ ପରିତ୍ୟକ୍ତ ବିଲ୍ଡିଂ ଭିତରେ ଶୁଟିଂ ଚାଲିଥାଏ। ମୋତେ ଯେତେବେଳେ ଶଟ୍ ଦେବାକୁ ଡକାଗଲା ମୁଁ ସିଟ୍‌ରୁ ଉଠି ଯିବା ସମୟରେ ହଠାତ୍ ପଛକୁ ଚାହିଁଦେଲି। ଯେତେବେଳେ ମୋ ଛାଇ ଉପରେ ନଜର ପଡିଗଲା ମୁଁ ଚମକି ପଡି ଚିତ୍କାର କରିଉଠିଲି। ଏହାଦେଖି ସେଟ୍‌ରେ ଉପସ୍ଥିତ ସମସ୍ତେ ଚମକି ପଡିଲେ ଏବଂ କ'ଣ ହେଲା ବୋଲି ଜାଣିବାକୁ ମୋ ପାଖରେ ଆସି ପହଞ୍ଚିଗଲେ। ଯେତେବେଳେ ଜାଣିଲେ ଯେ ମୁଁ ମୋ ଛାଇକୁ ଦେଖି ଡରିଗଲି। ସମସ୍ତେ ହସିବାକୁ ଲାଗିଲେ। ନିର୍ଦ୍ଦେଶକ ମୋ ପାଖକୁ ଆସି ମୋତେ କିଛି ସମୟ ରେଷ୍ଟ ନେବାକୁ କହିଲେ। ବାସ୍, ପାଖାପାଖି ଘଣ୍ଟାଏ ବସିବା ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଥିଲି। ତା'ପରେ ସଟ୍ ଦେବାକୁ ଯାଇଥିଲି।' ସେଦିନର ସେହି ଘଟଣା ଏ ପର୍ଯ୍ୟନ୍ତ ମୋର ମନେ ରହିଛି।' ବର୍ତ୍ତମାନ ରିଚା ସଞ୍ଜୟ ଲୀଲା ଭଁସାଲିଙ୍କ ୱେବ୍ ସିରିଜ୍ 'ହୀରାମଣ୍ଡି'ରେ ଅଭିନୟ କରିବାକୁ ଯାଉଛନ୍ତି।


ରିଚା

# ସରଗପୁରରୁ ଆସିଚି ପ୍ରିୟା

ଇନ୍ଦ୍ରଲୋକର ଭୁଲ ପାଇଁ ପୃଥିବୀକୁ ଦଣ୍ଡ ଭୋଗିବାକୁ ଆସିଛି ଅପସରା ମେନକା। ପ୍ରଥମରୁ ଆସିବାକୁ ଡରୁଥିବା ମେନକା କିନ୍ତୁ ପରେ ପୃଥିବୀ ଛାଡିବାକୁ ନାରାଜ। ପାତାଳ ଲୋକର ଜଣେ ଯୁବକ ପ୍ରେମରେ ସେ ପଡିଯାଇଛି। ଆଉ ସେପଟେ ଥରହର ଦେବତାଗଣ। ଏମିତି କିଛି ନିଆରା କାହାଣୀକୁ ନେଇ ଜୀ ସାର୍ଥକ ବ୍ୟାନରରେ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ସରଗପୁରରୁ ଆସିଚି ପ୍ରିୟା'। ଓଲିଉଡ୍‌ର ଗିମିକ ମାଷ୍ଟର ତଥା ପ୍ରତିଟି କାହାଣୀରେ ପରୀକ୍ଷା ନିରୀକ୍ଷା କରି ଦର୍ଶକଙ୍କୁ ଭିନ୍ନ ଧରଣର ମନୋରଞ୍ଜନ ଦେଇ ଆସିଥିବା ନିର୍ଦ୍ଦେଶକ ସଞ୍ଜୟ ନାୟକ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଉକ୍ତ ଫିଲ୍ମରେ ଇନ୍ଦ୍ରଲୋକ ସହ ପୃଥିବୀଲୋକକୁ ଯୋଡି କାହାଣୀକୁ ବେଶ୍ ରୋଚକ କରାଯାଇଛି। ଏଭଳି ଏକ ଭିନ୍ନ ଧରଣର ଫିଲ୍ମ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଚଳିତ ମାସ ୨୬ ତାରିଖ ଅର୍ଥାତ ଆସନ୍ତା ରବିବାର ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବାକୁ ଯାଉଛି। ଏହି ଫିଲ୍ମରେ ଜଣାଶୁଣା ଲୋକପ୍ରିୟ ଅଭିନେତ୍ରୀ ନିଲାକ୍ଷୀ ପାତ୍ର ମେନକା ଚରିତ୍ରରେ ଅଭିନୟ କରୁଥିବାବେଳେ କାହାଣୀର ନାୟକ ଭୂମିକାରେ ଦେଖିବାକୁ ମିଳିବେ ଅଭିଜିତ ଦାସ। କବିର ଦାସଙ୍କ ପ୍ରଯୋଜିତ ଏହି ଫିଲ୍ମର କାହାଣୀ ମଧ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ସଞ୍ଜୟ। ଡା. ନିର୍ମଳ ନାୟକ ଏବଂ ନିହାର ପ୍ରିୟାଶିଷଙ୍କ ରଚିତ ଗୀତଗୁଡିକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ନେହା ନିହାରିକା, ସତ୍ୟଜିତ, ଅନ୍ତରା ଚକ୍ରବର୍ତ୍ତୀ, ଓ ସୁଭାଶିଷ ସାହୁ। "କାହାଣୀଟି ଯେତିକି ଉତ୍ସାହରେ ଭରି ରହିଛି ସେତିକି ଉତ୍କଣ୍ଠାପୂର୍ଣ୍ଣ ମଧ୍ୟ ରହିଛି । ତେବେ ଦର୍ଶକଙ୍କୁ ଏହି କାହାଣୀ ନିଶ୍ଚୟ ମନକୁ ଛୁଇଁବ ବୋଲି ଆଶା ପ୍ରକାଶ କରିଛନ୍ତି ଜୀ–ସାର୍ଥକ ଚ୍ୟାନେଲର ବିଜିନେସ୍ ହେଡ୍ ପ୍ରତୀକ ସିଲ୍।"


ଅଭିଜିତ–ନିଲାକ୍ଷୀ

ପ୍ରଥମ ରୋଜଗାର

# ଏଯାଏଁ ଭୁଲିନି ସେହି ୩୦ ଟଙ୍କାର ସ୍ମୃତି

**ସାହିତ୍ୟିକ ମନୋଜ ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



ସେତେବେଳେ ଦରମା ମିଳିବା ଦିନ ଆମ ଛୁଆଙ୍କର ମଉଛବ। ସେଦିନ ଆମ କଟକ ଜିଲା ପ୍ରାଚୀକୂଳିଆ ନୂଆବେତେଣ୍ଡା ନିବାସୀ ପ୍ରଫୁଲ୍ଲ କୁମାର ମିଶ୍ର ଓରଫ ମିଶ୍ରମାଷ୍ଟ୍ରେ ମାନେ ମୋ ନନାଙ୍କର ଚାଲି ବେଶ୍ ଦେଖିଲାଭଳିଆ । ଗୋଟେ ଗୋଡ଼ ଘର ଭିତରେ ତ ଆଉ ଗୋଟେ ଯାଇ ଦାଣ୍ଡପିଣ୍ଡାରେ। ଆମର ବି ଖୁସି କହିଲେ ନ ସରେ। ନନାଙ୍କର ଫେରିଲା ବାଟକୁ ବିଲେଇ ଭଳିଆ ଚାହିଁବସିଥାଉଁ ଆମେ ଭାଇ ଭଉଣୀ। ଦାସ ଗୁଡ଼ିଆ ଦୋକାନରୁ କାଗଜ ଗୁଡେଇ ନନା ଆଣିକି ଆସିବେ ପକୁଡ଼ି। ନିଜେ ମହମହ ବାସୁଥିବେ ହାଟରୁ ବରଜୁଆ ଖିଲିପାନ ଖଣ୍ଡେ କଳରେ ଜାକି। ସେଦିନ ହାଟରୁ ବଡ଼ମାଛ ବି ଆସିଥିବ ନିଶ୍ଚୟ। ନନା ଆମର ମାଛ ଡାଆଣା ଭାରି। ପିଲାଟି ଦିନରୁ ମୋର ଭାରି ଇଚ୍ଛା ହୁଏ, ମୁଁ ନନାଙ୍କ ଭଳିଆ ଦରମା ଗଣ୍ଡେ ପାଆନ୍ତିକି ହେଲେ ? ଆହା, ଯାହା ଇଚ୍ଛା କରନ୍ତି ତାହା କିଣି ପେଟପୂରେଇ ଖାଇଯା'ନ୍ତି ଆଗ। ମନର ଓରିମାନା ମେଣ୍ଟେଇବାକୁ ଯାଇ କୁନି କୁନି ଭାଇ ଭଉଣୀଙ୍କୁ ବୁଝେଇ ଶୁଝେଇ ବସେଇ ମିଛିମିଛିକା ମାଷ୍ଟ୍ରେଟିଏ ବି ହୁଏ ମୁଁ। ମାସ ଶେଷ ହେଲାଣି ଯାଉଛି ଦରମା ଗଣ୍ଡାକ ଆଣିବି କହି ଖଣ୍ଡିଆ ଖପରା, ଚିରା କାଗଜଗୁଡ଼ାକୁ ଗୋଟେଇ ଗାଟେଇ ଆଣି ତାଙ୍କୁ ଦେଖାଏ। କୁହେ, ଏଇ ଦେଖୁଛ ମୋ ଦରମା। ଅବୁଝା ପିଲା ଦି'ଟା ଜିଦିକରି ବସନ୍ତି ତାଙ୍କପାଇଁ ଖାଇବା ଜିନିଷ କିଣିଦେବାକୁ। ମୁଁ ବିଚରା ହଟହଟା ହୁଏ ଭାରି। ସତରେ ଭାରି ନିଆରା ସେ ଦିନ ସବୁର ଅନୁଭୂତି। ବେଶ୍ ମନେଅଛି ସେଦିନ, ଯେବେ ମୁଁ ସତକୁ ସତ ମୋ ପରିଶ୍ରମର ଫଳ, ମାନେ ପାରିଶ୍ରମିକକୁ ନିଜ ହାତରେ ମୁଠେଇ ଧରିଲି ଆତ୍ମହରା ହୋଇ। ଅଷ୍ଟମ ଶ୍ରେଣୀରେ ପଢୁଥାଏ। ଆମ ସାହିର ପୋଷ୍ଟମାଷ୍ଟ୍ରେ ସାହୁ ମଉସା ତାଙ୍କ ତୃତୀୟ ଶ୍ରେଣୀ ପଢୁଆ ଝିଅର ଡେଣାକୁ ଟାଣି ଘୋଷାରି ଆସି ଆମ ଘରେ ଦିନେ ହାଜର। ଶୀତୁଆ ସନ୍ଧ୍ୟା। ମୁଁ ବୋଉ ପାଖେ ବସି ଲଣ୍ଠନ ଜାଳି ପଢୁଥାଏ। ମଉସା କହିଲେ ବାବୁରେ ମୋ ଧନଟା ପରା, ଏ ଉଦଣ୍ଡିର ଆଜିଠୁ ଘଡ଼ିଏ ଘଡ଼ିଏ ପାଠ ଦେଖେ ତୁ,ମୋ ବାପା। ସେଇଦିନୁ କିଛି କିଛି ସମୟ ସେ ଝିଅଟିର ପାଠ ଦେଖିଲି। ମାସ ପୁରିଲାଦିନ ସାହୁ ମଉସା ଆସି ହସିହସି ମୋ ହାତରେ ଟଙ୍କିକିଆ ନୋଟ ତିରିଶ ଖଣ୍ଡ ଗୁଞ୍ଜିଦେଇ କହିଲେ ବାପରେ ଏଇଟା ରଖ, ତୋ ଦରମା। ମୋ ଆଖି ଟେରା ହୋଇଗଲା ସତରେ। ଆଃ... କ'ଣ କହିବି ମୁଁ। ଗୋଡ଼ ମୋର ଜମା ଆଉ ତଳେ ଲାଗିଲାନି। ମଉସା ଗଲାପରେ ଭୂଇଁରେ ଚିତହୋଇ ଶୋଇ ସାନଭାଇକୁ କହିଲି ଏ ଟଙ୍କାସବୁ ଗୋଟି ଗୋଟି କରି ମୋ ମୁଣ୍ଡଠୁ ଆଣ୍ଠୁ ଯାଏ ଥୋଇଲୁ ଶୀଘ୍ର। ସେ ଅବୋଧ ଖଣ୍ଡକ ବୋଲକରା ବେଟିଆ ଭଳିଆ ମୋ କଥା ମାନି ଗୋଟିଗୋଟି କରି ଟଙ୍କିକିଆ ଖଡଖଡ଼ିଆ ନୋଟ୍ ସବୁକୁ ମୁଣ୍ଡଠୁ ଆଣ୍ଠୁ ଯାଏ ଥୋଇ ଜଗିବସିଲା କେତେବେଳେ ତା ଭାଗ୍ୟ ଖୋଲିବ ବୋଲି। ମୁଁ ଆଖି ବୁଜି ନୀରବରେ ଗୋଟେ ଚରମ ଶାନ୍ତିକୁ ଛାତି ସାରା ଅନୁଭବ କରିଚାଲିଥିଲି। କିଛି ସମୟ ପରେ ଉଠି ବୋଉସାଙ୍ଗରେ ବାଆଜି ବାଉରୀ ଘରକୁ ଯାଇ ବାଇଶ ଟଙ୍କାଦେଇ ବଡ଼ ଭାକୁରମାଛଟିଏ ଆଣିଲି ନନାଙ୍କୁ ଭଲ ଲାଗେ ବୋଲି। ଚାରି ଟଙ୍କାରେ ମୋର ଆଉ ବୋଉ ଚପଲରେ ନୂଆ ଫିତାଲଗେଇଲି ଗାଁ ମୁଣ୍ଡ ମୋଚି ପାଖରୁ। ଦି' ଟଙ୍କାରେ ଦିଟା ନଳୀ ପୁଡ଼ିଆ ଆଣି ସାନ ଭାଇ ଭଉଣୀକୁ ଦେଇ ରାଜା କର୍ଣ୍ଣଙ୍କ ଠାଣିରେ ଦି'ଘେରା ତାଙ୍କ ଚାରିପଟେ ଘୂରିଗଲି। ଆଉ ବାକି ଦି'ଟଙ୍କା କ'ଣ କଲି ଠିକ୍ ମନେ ନାହିଁ। ତେବେ ଖୁବ୍ ନିଆରା ସେ ଅନୁଭୂତି। ଏ ତ ପିଲାବେଳର କଥା। ବଡ଼ ହେଲାପରେ ହୋଟେଲ ମ୍ୟାନେଜମେଣ୍ଟ ପାଠପଢ଼ା ସାରି ଚାକିରି କଲି ଭୁବନେଶ୍ୱରରେ ୨୦୦୧ରେ। ଚାକିରିର ପହିଲି ଦରମା ଟଙ୍କା ୨୨୦୦ ଧରି ଖୁବ୍ ଖୁସି ହୋଇଥିଲି। ଛୁଟିନେଇ ଘରକୁ ଯାଇଥିଲି ନନା, ବୋଉ ଆଉ ଭାଇ, ଭଉଣୀଙ୍କୁ ଜଣେଇବା ପାଇଁ। ସମସ୍ତଙ୍କ ଲାଗି କିଛି କିଛି ଉପହାର ନେଇଥିଲି ସାଙ୍ଗରେ। ସମୟର ସୁଅ ମୋତେ ଏବେ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଗୃହ ରକ୍ଷଣାବେକ୍ଷଣ ବିଭାଗର ମୁଖ୍ୟ କୁର୍ସିରେ ବସାଇଛି। ସାହିତ୍ୟ ଓ କଳା ମୋ ଜୀବନ, ଗଳ୍ପ କବିତା, ଚିତ୍ର ଏବଂ ସଙ୍ଗୀତ ଭିତରେ ମୁଁ ଦୁନିଆକୁ ନିଇତି ଭେଟୁଚି ଆଉ ସକାରାତ୍ମକ ଢଙ୍ଗରେ ବଞ୍ଚୁଛି।

# ଭାବନା ରାଇଜେ ବୁଡ଼ିଛି ମନ, ଜଣାପଡୁନାହିଁ ରାତି କି ଦିନ

**ପ୍ରଶ୍ନ**–ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ ?

*–ଦୀପକ ସାହୁ, ବ୍ରହ୍ମପୁର*

**ଉତ୍ତର:** ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। 'ଭାବନା ରାଇଜେ ବୁଡ଼ିଛି ମନ, ଜଣା ପଡୁନାହିଁ ରାତି କି ଦିନ।' ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ। ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ପ୍ରଶାନ୍ତ ବାରିକ, କେନ୍ଦ୍ରାପଡ଼ା*

**ଉତ୍ତର:**ଏଣେ ପ୍ରଥମ ପ୍ରେମକୁ ଭୁଲି ପାରୁନାହାନ୍ତି। ସେପଟେ ଉଲ୍ଲେଖ କରିଛନ୍ତି ଯେ ଆଉ ଥରେ ପ୍ରେମ ନଈରେ ବୁଡ଼ ପକାଇବାକୁ ମନ କଲେଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଦୁହୁ ଦୁହୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ଅମନ, ରାଉରକେଲା*

**ଉତ୍ତର:**କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ତନ୍ମୟ କୁମାର, ଅନୁଗୋଳ*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।



ସାଥୀ

# ମାଟିର ମଣିଷ ଅଶ୍ରୁମୋଚନ

**ଆମ ଲୋକକଥା, ଲୋକଗଳ୍ପର ଜଣେ ଜୀବନ୍ତ ନାୟକ ସେ। ତାଙ୍କ ଅଭିନୟରେ କାହାଣୀ ସବୁ ରୂପ ପାଏ। କେବେ ସେ ମାଗୁଣୀ ସାଜି ଶଗଡିଆର ଦୁଃଖକୁ ନିଖୁଣଭାବେ ଫୁଟାଇ ଦର୍ଶକଙ୍କୁ କନ୍ଦାଇଛନ୍ତି, ତ କେବେ ପୁଣି ଖଳ ନାୟକ ସାଜି ଦର୍ଶକଙ୍କୁ ଡରାଇଛନ୍ତି। ଆଉ କେବେ ଗାଁ ଗାଁ ବୁଲି ସହରୀ ମଣିଷ ମନରେ ଭରିଛନ୍ତି ଗାଁର ମହକ। ଭିନ୍ନ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ମନରେ ଛାପ ଛାଡି ଯାଇଥିବା ଏହି କଳାକାର ହେଉଛନ୍ତି ସମସ୍ତଙ୍କର ଅତିପ୍ରିୟ ଅଶ୍ରୁମୋଚନ ମହାନ୍ତି। ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ତାଙ୍କ ସମ୍ପର୍କରେ କିଛି...**

**ପିଲାଟି ଦିନରୁ ଘାରି ଥିଲା ଅଭିନୟର ନିଶା:** କେନ୍ଦୁଝର ଜିଲାର ଓରାଳିରେ ମୋ ଗାଁ। ବାପା ଆନନ୍ଦପୁରରେ ଓକିଲାତି କରୁଥିଲେ। ଜେଜେ ମଧ୍ୟ ରାଜାଙ୍କ ଓକିଲ ଥିଲେ। ଆନନ୍ଦପୁରରେ ଆମର ଏକ ଘର ଅଛି। ସେଇଠି ଆମର ପାଠପଢା ହୋଇଛି। ତେବେ ପିଲାଟି ଦିନରୁ ମୋର ଅଭିନୟର ନିଶା ଥିଲା। ଗାଁରେ ଗଣେଶ ଗୀତିନାଟ୍ୟରେ ଅଭିନୟ କରିବା ସହ ପ୍ରତିବର୍ଷ ସରସ୍ୱତୀ ପୂଜାରେ ଆମ ପରିବାର ସଦସ୍ୟଙ୍କ ଦ୍ୱାରା ମଞ୍ଚସ୍ଥ ହେଉଥିବା ଡ୍ରାମାରେ ବି ଅଭିନୟ କରୁଥିଲି। ଆଉ ଅଭିନୟର ନିଶା ଏତେ ଥିଲା ଯେ, ପଢାରେ ମନ ଲାଗୁ ନ ଥିଲା। ସେଥିପାଇଁ ବଡ ଭାଇ ମତେ ପଢିବା ପାଇଁ ଖଡଗପୁର ନେଇଯାଇଥିଲେ। ସେଠି ମୁଁ ମାଟ୍ରିକ ପାସ୍ କଲି। ତା'ପରେ ଫେରି ଆସି ଆନନ୍ଦପୁର କଲେଜରେ ପଢିଲି। ସେତେବେଳେ କାହିଁକି କେଜାଣି ଏୟାରଫୋର୍ସରେ ଚାକିରି କରିବାକୁ ମୋର ଭାରି ଇଚ୍ଛା ଥିଲା। ତେଣୁ ଭୁବନେଶ୍ୱର ଯାଇ ଇଣ୍ଟରଭ୍ୟୁ ଦେଇଥିଲି। ସେଇଦିନ ଜାଣିବାକୁ ପାଇଲି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଡ୍ରାମା ବିଭାଗରେ ବି ଇଣ୍ଟରଭ୍ୟୁ ଅଛି। ଅଭିନେତା ହେବାର ଯୋଉ ଇଚ୍ଛା ପିଲାଟି ଦିନରୁ ଥିଲା ସେଇଟା ପୁଣିଥରେ ଉଜାଗର ହେଇଗଲା। ଆଉ ସେ ଇଣ୍ଟରଭ୍ୟୁ ବି ଦେଲି। ଭାଗ୍ୟକୁ ଉଭୟ ଇଣ୍ଟରଭ୍ୟୁରେ ସଫଳ ହେଲି। କିନ୍ତୁ ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଲି। ଧୀରେ ଧୀରେ ଶତାଧିକ କଳାକାରଙ୍କ ସହ ସାମିଲ ହେଲି। ଆଉ ବଡ଼ ବଡ଼ କଳାକାର ଯେମିତିକି ଅସୀମ ବସୁ, ଧୀର ମଲ୍ଲିକ, ହର ପଟ୍ଟନାୟକ, ବାଞ୍ଛାନିଧି ପଟ୍ଟନାୟକ ଆଦିଙ୍କ ସଂସ୍ପର୍ଶରେ ଆସିଲି। ସେମାନଙ୍କ ପ୍ରେରଣା ଓ ସହଯୋଗରେ ମୋର ନାଟକରେ ଅଭିନୟର ଧାରା ଆଗେଇଲା।

**ସିନେମା ମୁହାଁ:** ସେତେବେଳେ ଥିଏଟର୍‌ର ଏତେଟା ପ୍ରାଧାନ୍ୟ ନ ଥିଲା। ସରକାରୀ ପ୍ରୋତ୍ସାହନ ବି ନ ଥିଲା। କେବଳ କେତେଜଣ ଚାକିରିଆଙ୍କ ଅର୍ଥିକ ସହାୟତା ପାଇଁ ନାଟକ ହୋଇପାରୁଥିଲା। ତେଣୁ ଚାକିରିଆ ଲୋକ ଅଧିକ ଥିଏଟର କରିବାର ସୁଯୋଗ ପାଉଥିଲେ। ହେଲେ ତାଲିମପ୍ରାପ୍ତ କଳାକାର ଥିଏଟର୍ କରିବାକୁ ସୁଯୋଗ ପାଉ ନ ଥିଲେ। ତେଣୁ ଆମ ଭଳି କଳାକାର ସିନେମା ମୁହାଁ ହେଲୁ।

**ସଂଘର୍ଷର କଥା:** ମୁଁ କୌଣସି ଅଭିନେତା ପରିବାରର ନ ଥିଲି କି ମୋର କେହି ଗଡ ଫାଦର ନ ଥିଲେ। ତେଣୁ ନିଜକୁ ନିଜେ ଆଗକୁ ବଢାଇବାକୁ ପଡୁଥିଲା। ସେଥିପାଇଁ ଯେତେବେଳେ ଯୋଉ କାମ ମିଳିଥିଲା ସବୁ କରିଛି। ପ୍ରଥମେ ବାଞ୍ଛାନିଧି ପଟ୍ଟନାୟକଙ୍କ ପାଖରେ 'ପର ଝିଅ ଘର ଭାଙ୍ଗେନା' ଚଳଚ୍ଚିତ୍ରରେ ଓ ତା'ପରେ ସମରେଶ ପାଲଙ୍କ ସହ 'ନଳ ଦମୟନ୍ତୀ'ରେ ମେକ୍‌ଅପ୍ ଆସିଷ୍ଟାଣ୍ଟ ଭାବେ କାମ କଲି। ଏହାପରେ ଅସୀମ ବସୁଙ୍କ ସହ 'ଛ' ମାଣ ଆଠଗୁଣ୍ଠ', 'ଡୋରା' ଆଦି ଚଳଚ୍ଚିତ୍ରରେ ଆର୍ଟ ସେକ୍ସନରେ ଛୋଟମୋଟ କାମ କଲି। ଏହାପରେ ରାଜୁ ମିଶ୍ରଙ୍କ ପାଖରେ ଆସିଷ୍ଟାଣ୍ଟ କାମ କଲି। ସେତେବେଳେ ସ୍ୱର୍ଗତ ବିଜୟ ମହାନ୍ତି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଲେକ୍ଚର ଥିଲେ। ତାଙ୍କର 'ରଙ୍ଗମଞ୍ଚ' ନାମକ ଏକ ଥିଏଟର ଗ୍ରୁପ ଥିଲା। ଏହି ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ 'ଥାଙ୍କ ୟୁ ମିଷ୍ଟର ଗ୍ଲାଡ' ନାମକ ନାଟକରେ ମୁଁ ବି ଏକ ଚରିତ୍ରରେ ଅଭିନୟ କରିଥିଲି। ସେଇ ନାଟକକୁ ଦେଖିବା ପାଇଁ ସେଦିନ ଶ୍ରୀରାମ ପଣ୍ଡା ଆସିଥିଲେ। ମୋ ଅଭିନୟକୁ ସେ ବହୁତ ପସନ୍ଦ କରିଥିଲେ। ଆଉ ମତେ କହିଲେ, 'ମୋ ସାଙ୍ଗରେ କାମ କରିବୁ?'। ମୁଁ ବହୁତ ଖୁସିରେ ହଁ କହିଥିଲି। ତାଙ୍କର ଆସିଷ୍ଟାଣ୍ଟଭାବେ କାମ କରିବା ସହ ଅଭିନୟ ବି କଲି। ମୋର ପ୍ରଥମ ଚଳଚ୍ଚିତ୍ର ଥିଲା 'କୁରୁକ୍ଷେତ୍ର'। ଏହାପରେ ମୋର ଚଳଚ୍ଚିତ୍ରର ଧାରା ଚାଲିଲା। ଏବେ ଶତାଧିକ ଚଳଚ୍ଚିତ୍ରରେ ଅଭିନୟ କରିସାରିଲିଣି। ତା'ସହ ଟିଭି ସିରିୟଲ, ଶର୍ଟ ଫିଲ୍ମ, ମ୍ୟୁଜିକ୍ ଭିଡିଓ ଆଦିରେ ବି ଅଭିନୟ କରିଛି।



### 'ଛୋଟ ମୋର ଗାଁ'ଟି ଦେଇଥିଲା ଭିନ୍ନ ପରିଚୟ

ଅଶୋକ ବଳବନ୍ତରାୟ ମତେ 'ଛୋଟ ମୋର ଗାଁ'ଟି କାର୍ଯ୍ୟକ୍ରମ କରିବାକୁ ଅନୁରୋଧ କରିଥିଲେ। ହେଲେ ଗାଁ ଗାଁ ବୁଲି ଦେହ ଖରାପ ହେବା ଭୟରେ ପ୍ରଥମେ କରିବାକୁ ମନା କରିଦେଇଥିଲି। ହେଲେ ବହୁତ ବାଧ କରିବାରୁ ପରେ ରାଜି ହେଲି। ଆଉ ପ୍ରଥମ ଏପିସୋଡ ଯେବେ ପ୍ରସାରିତ ହେଲା ଦର୍ଶକ ଏତେ ଭଲ ପାଇବା ଦେଲେ ଯେ, ଗାଁ ବୁଲିବାର କଷ୍ଟ ସବୁ ଭୁଲିଗଲି। ମୋର ମନେ ଅଛି ସେଇ ସମୟରେ ମୁଁ 'ଗାୟତ୍ରୀ' ନାମକ ସିରିୟଲରେ ଭିଲିଆନ୍ ଚରିତ୍ରରେ ଅଭିନୟ କରୁଥାଏ। ସପ୍ତାହ ସାରା ଲୋକେ ମତେ ଗାଳି ଦିଅନ୍ତି। ଫୋନ୍ କରି ରାଗନ୍ତି। ହେଲେ ସପ୍ତାହକୁ ଥରେ ପ୍ରସାରିତ ହେଉଥିବା ଛୋଟ ମୋର ଗାଁ'ଟି ଦେଖିବା ପରେ ଲୋକେ ସବୁକିଛି ଭୁଲି ତାଙ୍କ ସ୍ନେହ ଅଜାଡି ଦେଉଥିଲେ।

**ପ୍ରିୟ ଚରିତ୍ର:** ଚକା ଆଖି ସବୁ ଦେଖୁଛି, ସାଗର ଗଙ୍ଗା, କାଶିଆ କପିଳା, ମାଗୁଣିର ଶଗଡ, ମୁକ୍ତି ମଶାଲ, ମୁଁର ମୂର୍ଚ୍ଛନା, ଦୂର ଦିଗନ୍ତେ, ଦେବ ଦାସୀ, ବିଜୁ ବାବୁ ଆଦି ଚଳଚ୍ଚିତ୍ରରେ କରିଥିବା ଚରିତ୍ର ମତେ ଆତ୍ମସନ୍ତୋଷ ଦେଇଛି।

**ମୋ ଆଦର୍ଶ:** ପୁରୁଣା ଗପ, ପୁରୁଣା ଚରିତ୍ରକୁ ମୁଁ ଆଦର୍ଶ ଭାବେ ଗ୍ରହଣ କରିଥାଏ। ଏହାବାଦ୍ ହେମନ୍ତ ଦାସ, ଦୁଃଖିରାମ ସ୍ୱାଇଁ, ଅଜିତ ଦାସ, ବିଜୟ ମହାନ୍ତି ଭଳି ବିଶିଷ୍ଟ କଳାକାର ବି ମୋର ଆଦର୍ଶ ରହି ଆସିଛନ୍ତି।

**ଡ୍ରିମ୍ ରୋଲ:** ହିରୋ, ଟାଉଟର, ମାଇଚିଆଠୁ ଆରମ୍ଭ କରି ଭିଲିଆନ୍ ପ୍ରାୟ ସବୁ ପ୍ରକାରର ଚରିତ୍ରରେ ଅଭିନୟ କରିସାରିଲିଣି। ତେଣୁ ସେମିତି କିଛି ଡ୍ରିମ ରୋଲ୍ ମୋର ନାହିଁ। ତେବେ ନିର୍ଦ୍ଦେଶକ ଯଦି ମୋ' ଦ୍ୱାରା ଭିନ୍ନ କିଛି ଚରିତ୍ର ଫୁଟେଇବାକୁ ଚାହିଁବେ ତାକୁ କରିବାକୁ ମୁଁ ଚେଷ୍ଟା କରିବି।

**ଅଭିନେତା ନ ହେଇଥିଲେ:** ଏୟାର ଫୋର୍ସ ଅବା ସେନା ବିଭାଗରେ ଚାକିରି କରିଥାନ୍ତି। ନହେଲେ ଚାଷୀଟିଏ ହୋଇଥାନ୍ତି।

**ଅନ୍ୟ ଭାଷାଭାଷୀ ଚଳଚ୍ଚିତ୍ର:** ବଙ୍ଗାଳୀ, ତାମିଲ, ଆସାମୀ, ସାନ୍ତାଳୀ ଭାଷାର ଚଳଚ୍ଚିତ୍ର କରିଛି।

**ପ୍ରେମ କେବେ ହେଇଛି:** (ହସି ହସି)ଆଗରୁ ମୋ ଚେହେରା ଏତେଟା ଖାସ୍ ନ ଥିଲା। ପତଳା ସାବନା ଶରୀରକୁ କୁଞ୍ଚୁ କୁଞ୍ଚିଆ ଝାମ୍ପୁରା କେଶ। ଏମିତିରେ କୋଉ ଝିଅ ପସନ୍ଦ କରିବ। ତେବେ ଯଦିବି କିଏ ପସନ୍ଦ କରୁଥିଲା, ଟଙ୍କା ଖର୍ଚ୍ଚ ହେବା ଭୟରେ ଦୂରେଇ ରହୁଥିଲୁ। ପରେ ଘରଲୋକେ ପାଟପୁରର ଝିଅ ନୟନାଙ୍କ ସହ ମୋର ବାହାଘର ଠିକ କଲେ।





ପରିବାର ସହ ଅଶ୍ରୁମୋଚନ

**ସ୍ତ୍ରୀ ସବୁକିଛି:** ସ୍ତ୍ରୀ ନୟନା ପିଲାଙ୍କ ପାଠପଢା, ବାପାବୋଉଙ୍କ ଯତ୍ନ ସହ ଘର ଚଳାଇବା ଆଦି ସବୁକିଛିର ଦାୟିତ୍ୱ ତୁଲାଇ ଆସିଛନ୍ତି। ତେଣୁ ସେ ହିଁ ମୋ ପାଇଁ ସବୁକିଛି।

**ମୋ ପିଲାମାନେ ବହୁତ ଆଡଜଷ୍ଟିଭ:** ମୋ ପିଲାମାନେ କେବେ କିଛି ଡିମାଣ୍ଡ କରି ନାହାନ୍ତି। ସବୁଥିରେ ଆଡଜଷ୍ଟ କରି ନିଅନ୍ତି। ପୁଅ ଆଶୀର୍ବାଦ ଏବେ ଓଜେଇଏସ୍ ପାଇଁ ପ୍ରସ୍ତୁତ ହେଉଛି। ଆଉ ଝିଅ ଆଶ୍ରିତା ସାଇକୋଲୋଜିରେ ପିଜି କରୁଛି।

**ଖୁସିର ମୁହୂର୍ତ୍ତ:** ମୋ ବାହାଘର।

**ଦୁଃଖର ମୁହୂର୍ତ୍ତ:** ବାପା ବୋଉ ଚାଲିଯିବା।

**ଅବସରରେ:** ବହିପଢିବା, ଗଛ ଲଗାଇବାକୁ ପସନ୍ଦ କରେ।

**ପ୍ରିୟ ଖାଦ୍ୟ:** ପଖାଳ ଭାତକୁ ଚୁନା ମାଛ, ଗରମ ଭାତରେ ଖୀର ଓ ଚକୁଳି ପିଠା ମୋର ଭାରି ପ୍ରିୟ।

**ଇଚ୍ଛା ଅଛି:** ନ୍ୟାଶନାଲ ଆୱାର୍ଡ ପାଇବାର ଇଚ୍ଛା ଅଛି। –ଶିବାନୀ ମହାନ୍ତି

## ଶ୍ରୀମାନ ଅଭିଜିତ



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଚୁଟି

ବାପା ପୁଅକୁ: ତୁ ଚୁଟି କାହିଁକି କାଟୁନୁ? ଏତେ ଲମ୍ବା ହେଇଗଲାଣି।

ପୁଅ: ବାପା, ଏଇଟା ଫ୍ୟାଶନ୍।

ବାପା: ଫ୍ୟାଶନ୍ ନା ଚୋପା। ଜାଣିଚୁ କାଲି ତୋ ଭଉଣୀକୁ ଯୋଉମାନେ ଦେଖିବାକୁ ଆସିଥିଲେ ସେମାନେ ତତେ ପସନ୍ଦ କଲେ ବୋଲି ଖବର ଦେଇଥିଲେ।

### ସିଲିଣ୍ଡର

ସ୍ତ୍ରୀ ସ୍ୱାମୀଙ୍କୁ: କାଲି ତମେ ଗ୍ୟାସ୍ ସିଲିଣ୍ଡରକୁ କେମିତି ଲଗେଇଥିଲ କି?

ସ୍ୱାମୀ: କାଇଁ, କ'ଣ ହେଲା?

ସ୍ତ୍ରୀ: ତମେ କେମିତି ଲଗେଇଲ କେଜାଣି ମୁଁ ଦୁଇ ଦୁଇ ଥର କ୍ଷୀର ଫୁଟେଇଲି ଆଉ ଦୁଇଥର ଯାକ କ୍ଷୀର ଛେନା ଛିଡ଼ିଗଲା।

### ବର୍ଣ୍ଣ

ଶିକ୍ଷକ ମୋନୁକୁ: ସ୍ୱର ବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ଭିତରେ ତଫାତ୍ କ'ଣ କହିଲୁ।

ମୋନୁ: ସ୍ୱର ପାଟିରୁ ବାହାରିଥାଏ। ଏହାର କୌଣସି ବର୍ଣ୍ଣ ନ ଥାଏ। ହେଲେ ବ୍ୟଞ୍ଜନ ପାଟି ଭିତରକୁ ଯାଏ। ଆଉ ଏହା ବିଭିନ୍ନ ରଙ୍ଗର ହୋଇଥାଏ।

## ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା

# ପହଲଗାମ୍





**ଜମ୍ମୁ ଓ କଶ୍ମୀରସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ପହଲଗାମ୍। ଏଠାରେ ପର୍ଯ୍ୟଟକ ପାଇନ୍ ଗଛର ଜଙ୍ଗଲ ସାଙ୍ଗକୁ ଅନେକ ସୌନ୍ଦର୍ଯ୍ୟପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଦେଖିପାରିବେ। ତା'ସାଙ୍ଗକୁ ଟ୍ରେକିଂ, ଫିଶିଂ ଆଉ ଫଟୋଗ୍ରାଫିର ମଧ୍ୟ ଭରପୂର ମଜା ନେଇପାରିବେ...**

ପହଲଗାମ୍ ଜମ୍ମୁ ଓ କଶ୍ମୀରସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ହିଲ୍ ଷ୍ଟେଶନ ଭାବେ ବି ଏହାର ରହିଛି ବେଶ୍ ଖ୍ୟାତି। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନରେ ପର୍ଯ୍ୟଟକଙ୍କ ମନକୁ ମୋହିଲା ଭଳି ଅନେକ ଦର୍ଶନୀୟ ସ୍ଥାନ ବି ଦେଖିବାକୁ ମିଳିଥାଏ। ପାହାଡ, ପର୍ବତ ଘେରା ଏହି ସ୍ଥାନରେ ପାଇନ୍ ଗଛର ଜଙ୍ଗଲ ସହିତ କେଉଁଠି କେଉଁଠି ଘାଟି ଦେଖିବାକୁ ମିଳେ ତ ପୁଣି କେଉଁଠି ହ୍ରଦ, ମନ୍ଦିର ତଥା ଉପତ୍ୟାକାର ଶୋଭା ବେଶ୍ ଆଖି ଦୃର୍ଶୀୟା ହୋଇଥାଏ। ଖାସ୍ ସେଥିପାଇଁ ପର୍ଯ୍ୟଟନ ଋତୁରେ ଏଠାରେ ବେଶ୍ ଭିଡ଼ ଦେଖିବାକୁ ମିଳେ।

### କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ପହଲଗାମ୍ ଯିବାପାଇଁ ଏପ୍ରିଲ୍ ମାସ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଶ୍ରୀନଗର ଇଣ୍ଟର ନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର ; ଯାହା ପହଲଗାମ୍‌ଠାରୁ ପ୍ରାୟ ୯୧ କି.ମି ଦୂରରେ ଅବସ୍ଥିତ। ସେହିପରି ବିଜ୍‌ବେହେରା ରେଲୱେ ଷ୍ଟେଶନ ପହଲଗାମ୍‌ଠାରୁ ପ୍ରାୟ ୪୫ କି.ମି ଦୂରରେ ଥିବା ନିକଟବର୍ତ୍ତୀ ରେଳଷ୍ଟେଶନ। ଅନ୍ୟପକ୍ଷେ ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ପହଲଗାମ୍‌ରେ ପହଁଞ୍ଚିପାରିବେ।

### କ'ଣ ଦେଖିବେ

ପହଲଗାମ୍‌କୁ ବୁଲି ଆସୁଥିବା ପର୍ଯ୍ୟଟକ ନିକଟରେ ଥିବା ପବିତ୍ର ଅମରନାଥ ଗୁମ୍ଫା ଓ ମନ୍ଦିର ବୁଲି ଦେଖିବା ସହିତ କୋଲହାଇ ଗ୍ଲେସିୟର୍, ବେତାବ ଉପତ୍ୟାକା, ବାଇସରନ୍ ଉପତ୍ୟାକା, ଶେଷନାଗ ହ୍ରଦ ଇତ୍ୟାଦି ବି ଦେଖିପାରିବେ। କେବଳ ସେତିକି ନୁହେଁ, ଏଠାରେ ଥିବା ପହଲଗାମ୍ ଗଲ୍ଫ କୋର୍ସ ବି ଏକ ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ।

### ଟ୍ରେକିଂ ପାଇଁ ବି ପ୍ରସିଦ୍ଧ

ପାହାଡ ପର୍ବତ ଘେରା ଏହି ଅଞ୍ଚଳରେ ଟ୍ରେକିଂ ପାଇଁ ବି ରହିଛି ବେଶ୍ ସୁବିଧା ସୁଯୋଗ। ଖାସ୍ ସେଥିପାଇଁ ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ ଭିଡ଼ ଜମିଥାଏ।

### ଫଟୋଗ୍ରାଫିର ମଜା ନେବେ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ମନଖୁସିରେ ବୁଲିବା ସହିତ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।

### ଫିଶିଂର ଆନନ୍ଦ ବି ନେଇପାରିବେ

ପହଲଗାମ୍ ନିକଟ ଦେଇ ପ୍ରବାହିତ ହେଉଥିବା ଲିଡର୍ ନାମକ ଏକ ନଦୀରେ ବି ମାଛ ଧରିବାର ଆନନ୍ଦ ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେଇଥାଏ।





# ଗାଡି ପଛରେ କାହିଁକି ଦୌଡନ୍ତି କୁକୁର

**ବାଇକ ଅବା କାର୍ ଯାଉଥିବା ସମୟରେ ଦେଖିଥିବେ ଗଳିର କିଛି କୁକୁର ସେଇ ଗାଡି ପଛେ ପଛେ ଭୁକି ଭୁକି ଗୋଡାଇଥାନ୍ତି। ଫଳରେ କୁକୁରଙ୍କ ଭୟରେ ଅନେକ ସମୟରେ ଗାଡି ଚାଳକ ସନ୍ତୁଳନ ହରାଇ ବସନ୍ତି ଓ ଦୁର୍ଘଟଣା ଘଟିଯାଏ। ତେବେ କୁକୁର ଏଭଳି କାହିଁକି କରନ୍ତି ଜାଣନ୍ତି କି?**





**ସା**ଧାରଣତଃ କୁକୁରକୁ ବିଶ୍ୱସ୍ତ ପ୍ରାଣୀ କୁହାଯାଏ। ଏମାନେ ମଣିଷ ସହ ବହୁତ ଭଲରେ ରୁହନ୍ତି। ହେଲେ ଗାଡିରେ ବସି ଯାଉଥିବା ବ୍ୟକ୍ତିଙ୍କର ଏମାନେ କାହିଁକି ଶତ୍ରୁ ପାଲଟି ଯାଆନ୍ତି କେବେ ଭାବିଛନ୍ତି ? ଡଗ୍ ଏକ୍ସପର୍ଟଙ୍କ ମୁତାବକ କୁକୁରଙ୍କର ଶତ୍ରୁତା ମଣିଷ ସହ ନ ଥାଏ। ବରଂ ଗାଡିର ଟାୟରରେ ନିଜର ଗନ୍ଧ ଛାଡିଥିବା ଅନ୍ୟ କୁକୁର ସହ ଥାଏ। କୁକୁରଙ୍କ ଘ୍ରାଣଶକ୍ତି ତୀବ୍ର ହୋଇଥାଏ। ସେମାନେ ଅନ୍ୟ କୁକୁରର ଗନ୍ଧ ତୁରନ୍ତ ଜାଣି ଯାଆନ୍ତି। ବେଳେବେଳେ କିଛି କୁକୁର ଗାଡିର ଚକରେ ପରିସ୍ରା କରି ଦେଇଥାନ୍ତି। ଆଉ ସେଇ ଗାଡି ଯେବେ ଅନ୍ୟ କୌଣସି ସାହି, ଗଳିକୁ ଯାଏ, ସେଠାରେ ଥିବା କୁକୁର ଟାୟାରରେ ଥିବା ଅନ୍ୟ କୁକୁରର ଗନ୍ଧକୁ ବାରି ଦିଅନ୍ତି। ଆଉ ଭାବନ୍ତି ତାଙ୍କ ଏରିଆକୁ କୌଣସି ନୂଆ କୁକୁର ଆସି ଯାଇଛି। ତେଣୁ ସେଠାକାର କୁକୁର ମେଳି ହୋଇ ଗାଡି ପଛେ ପଛେ କାମୁଡି ଗୋଡାନ୍ତି। କାରଣ କୁକୁରଙ୍କୁ ନିଜ ଅଞ୍ଚଳରେ ଅନ୍ୟ କୁକୁରର ପ୍ରବେଶ ଆଦୌ ପସନ୍ଦ ନୁହେଁ। କୁକୁରମାନେ ଏତେ ଜୋର୍‌ରେ ରାଗି ଗାଡିକୁ ଆକ୍ରମଣ କରନ୍ତି ଯେ, ଅନେକ ସମୟରେ ଗାଡି ଚାଳକ ଡରିଯାଇ ଗାଡି ଜୋର୍‌ରେ ଚଲାନ୍ତି। ଆଉ ସନ୍ତୁଳନ ହରାଇ ବେଳେବେଳେ ଦୁର୍ଘଟଣା ଘଟିଯାଏ। ତେବେ ବିଶେଷଜ୍ଞଙ୍କ ମତରେ ଏଭଳି କ୍ଷେତ୍ରରେ ଡରିଯାଇ ତୀବ୍ର ଗତିରେ ଗାଡି ନ ଚଳାଇ ବରଂ କିଛି ସମୟ ସ୍ଥିର ରହିଯିବା ଭଲ। ଯେମିତିକି କୁକୁରମାନେ ଜାଣିପାରିବେ ଯେ ତାଙ୍କ ଅଞ୍ଚଳକୁ ଅନ୍ୟ କୌଣସି କୁକୁର ପ୍ରବେଶ କରି ନାହିଁ।



# ଜିଭରେ କରନ୍ତି ପେଣ୍ଟିଂ



**ସ୍ୱା**ଦ ବାରିବା କାମ ଜିଭ କରିଥାଏ। କଥା କହିବାରେ ବି ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଜାଣନ୍ତିକି ଜଣେ ବ୍ୟକ୍ତି ତାଙ୍କ ଜିଭକୁ ରଙ୍ଗ ତୂଳୀଭାବେ ବ୍ୟବହାର କରି ପେଣ୍ଟିଂ ବି କରିପାରନ୍ତି। ଆମେରିକାର ନିକ୍ ଷ୍ଟୋଏବରଲ ନାମକ ଏହି ଯୁବକ ଜିଭରେ ରଙ୍ଗ ଆଣି କାନ୍‌ଭାସ୍‌ରେ ଚମତ୍କାର ଚିତ୍ର କରିପାରନ୍ତି। କେବଳ ସେତିକି ନୁହେଁ, ତାଙ୍କ ଜିଭକୁ ପୃଥିବୀର ସବୁଠାରୁ ଲମ୍ବା ଜିଭର ମାନ୍ୟତା ବି ମିଳିଛି। ସାଧାରଣ ମଣିଷର ଜିଭର ଲମ୍ବ ୭.୯ ସେ.ମିରୁ ୮.୫ ସେମି ପର୍ଯ୍ୟନ୍ତ ହୋଇଥାଏ। ହେଲେ ନିକ୍‌ଙ୍କ ଜିଭର ଲମ୍ବ ୧୦.୧ ସେ.ମି. ଅଟେ। ତେଣୁ ତାଙ୍କ ଜିଭ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠାରୁ ଲମ୍ବା ଜିଭ ଭାବେ ସ୍ଥାନ ପାଇଛି। ପିଲାଦିନେ କିନ୍ତୁ ଲମ୍ବା ଜିଭ ପାଇଁ ସାଙ୍ଗମାନେ ତାଙ୍କୁ ଖୁବ୍ ଚିଡାଉଥିଲେ। ହେଲେ ସେହି ଜିଭକୁ ନେଇ ସେ ହୋଇପାରିଛନ୍ତି ରେକର୍ଡଧାରୀ। ଆଉ ପାଇଛନ୍ତି ଭିନ୍ନ ଏକ ପରିଚୟ। ଏହାବାଦ୍ ସେ ନିଜ ଜିଭକୁ ନେଇ କିଛି ଭିନ୍ନ କରିବାକୁ ଯାଇ ଚିତ୍ର କରିବା ବି ଆରମ୍ଭ କରିଥିଲେ। ଆଉ କିଛି ଦିନର ଅଭ୍ୟାସ ପରେ ଏବେ ସେ ଜିଭରେ ବେଶ୍ ସୁନ୍ଦର ପେଣ୍ଟିଂ କରିପାରୁଛନ୍ତି। ତାଙ୍କ ପେଣ୍ଟିଂ ଭଲ ଦାମରେ ବିକ୍ରି ମଧ୍ୟ ହେଉଛି।



# ନରାଧମ



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

ଅରଣ୍ୟ କାଣ୍ଡର କଥା । ବନବାସ ସମୟରେ ଏକଦା ସ୍ଫଟିକ ଶିଳା ଉପରେ ଉପବେଶନ କରି ପ୍ରଭୁ ଶ୍ରୀରାମ ମା' ଜାନକୀଙ୍କ ଗଭା ଦେଶରେ ନିଜ ହାତତିଆରି ବିଭିନ୍ନ ବନମାଳାକୁ ସୁନ୍ଦର ଭାବେ ସଜାଇ ଦେଉଥା'ନ୍ତି ।

ଠିକ୍ ସେହି ସମୟରେ ଘଟିଲା ଏକ ଅଘଟଣ । ସ୍ୱର୍ଗର ଅତ୍ୟନ୍ତ କ୍ଷମତାଶାଳୀ ଦେବତା ଇନ୍ଦ୍ରଙ୍କ ପୁତ୍ର ଜୟନ୍ତ ସେଠାରେ ଯାଇ ପହଞ୍ଚିଗଲେ । କାଉର ଛଦ୍ମବେଶ ଧରି ଜାନକୀଙ୍କ ଚରଣକୁ ଥଣ୍ଟରେ ଖୁମ୍ପି କ୍ଷତାକ୍ତ କରିଦେଲେ । ସେ ହତଭାଗା କ'ଣ ଜାଣିଛି ଯେ ଜାନକୀ ସାକ୍ଷାତ ମା' ଜଗଦମ୍ବା ବୋଲି ?

ସୀତାଙ୍କ ଚରଣରେ ଚୋଟ ମାରି ଜୟନ୍ତ କାକ ଦୌଡ଼ିଲା । 'ସୀତା ଚରନ ଚୋଞ୍ଚ ହତି ଭାଗା' । ଶ୍ରୀରାମ କ୍ରୋଧିତ ହୋଇଉଠିଲେ । ସେ ଛାଡ଼ିଲେ ଏକ ଶର । ବ୍ରହ୍ମଶର । ପ୍ରେରିତ ମନ୍ତ୍ର ବ୍ରହ୍ମଶର ଧାୱା । କାକକୁ ମାରିବା ପାଇଁ ତା' ପଛେ ପଛେ ବ୍ରହ୍ମଶର ଧାଇଁଲା । କାକ ଶେଷରେ ଶ୍ରୀରାମଙ୍କ ଶରଣରେ ଆସିଲା । ଶରଣାଗତକୁ ରକ୍ଷାକରିବା ପ୍ରଭୁଙ୍କର ଏକ ଧର୍ମ କିନ୍ତୁ ଏ କ୍ଷେତ୍ରରେ ପ୍ରଭୁ ତା'ର ଏକ ଚକ୍ଷୁକୁ ନଷ୍ଟ କରିଦେଲେ । ସେ ଏକ ଆଖିଆ ବା କଣା ହୋଇଗଲା –ଏହା ହେଉଛି ସନ୍ଥ ତୁଳସୀ ଦାସଙ୍କ 'ରାମ ଚରିତ ମାନସ'ର କଥା । ଦଣ୍ଡଟି କେବଳ ଚକ୍ଷୁ ଉପରେ କାହିଁକି ପଡ଼ିଲା, ଅନ୍ୟାନ୍ୟ ଅଙ୍ଗ ଯଥା ହାତ, ଗୋଡ଼ ଉପରେ କାହିଁକି ନ ପଡ଼ିଲା – ଶରଣାଗତ କାକର ଦୋଷକୁ ଶରଣବତ୍ସଳ, କୃପାସାଗର ପ୍ରଭୁ କାହିଁକି ମାର୍ଜ୍ଜନା କଲେନି – ଏମିତି ଅନେକ କଥା ଏବଂ ତତ୍ତ୍ୱ ଅଛି ଏ ପ୍ରସଙ୍ଗ ଭିତରେ । ଯାହା ପରେ କେବେ ଆଲୋଚନା କରିବା ।

କିନ୍ତୁ ଗୋଟିଏ ଛୋଟିଆ କଥା ଉପରେ ଆଲୋଚନା କରାଯାଉ । ମା' ସୀତା ପ୍ରକୃତି ସ୍ୱରୂପା । ଜଗଦମ୍ବା । ତାଙ୍କ ପାଦକୁ ଛୁଇଁଲେ କାକ ମୁକ୍ତି ପାଇଯିବା କଥା । ତା'ର କିଛି କ୍ଷତି ହେବା କଥା ନୁହେଁ । କିନ୍ତୁ କାକର ଗୋଟିଏ ଆଖି ନଷ୍ଟ ହୋଇଗଲା ? ପ୍ରଭୁଙ୍କ କ୍ରୋଧର ଶିକାର ସେ କାହିଁକି ହେଲା ?

ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କହିଲେ

ବାସ ବାସ ଅଙ୍ଗରେ ଖସିଲା ଦୀପ୍ତ ସ୍ତନ,
ବିମ୍ବ ବିମ୍ବ ଅରୁଣ ଯେ ଓଷ୍ଠ ନିନ୍ଦନ ଯେ ॥
ବିପଦ କି ପଦ ଚଞ୍ଚୁ ଘାତରେ ବିହନ୍ତେ,
ବିରସ ବିସତ୍ତମ କାଶଶର କୃତେ ଯେ । ( ବୈଦେହୀଶ ବିଳାସ )

ଭଞ୍ଜଙ୍କ ଭାଷାରେ କାକଟି ସୀତାଙ୍କ ଚରଣକୁ ନୁହେଁ, ବରଂ ମା'ଙ୍କ ସ୍ତନ ଉପରେ ଚୋଞ୍ଚ ମାରିଥିଲା । ମା'ଙ୍କ ପାଦରେ ଆଘାତ ଦେଇଥିଲେ ଶ୍ରୀରାମ ଆଦୌ କ୍ରୋଧିତ ହୋଇ ନ ଥା'ନ୍ତେ । ନାରୀ ଦୁଷ୍କର୍ମକାରୀ ବା ନାରୀ ପ୍ରତି କୁଦୃଷ୍ଟି ପକାଉଥିବା ଆଜିକାର ବିକାରଗ୍ରସ୍ତ ଏବଂ ଉଚ୍ଛୃଙ୍ଖଳ ଯୁବକମାନଙ୍କ ପାଇଁ ଏ ପ୍ରସଙ୍ଗଟି ଏକ ଚେତାବନୀ ସ୍ୱରୂପ । ଯିଏ ଏ କୁତ୍ସିତ କାର୍ଯ୍ୟ କରେ ସେ ଏକୁଟିଆ ନୁହେଁ ବରଂ ତାଙ୍କୁ ସମର୍ଥନ ବା ସୁରକ୍ଷା



ଯୋଗାଇ ଦେଉଥିବା ସହକର୍ମୀ ବନ୍ଧୁମାନେ ବି ଦଣ୍ଡ ପାଇବାର ଯୋଗ୍ୟ । କାରଣ ଜୟନ୍ତ କାକ ଯେତେବେଳେ ମା' ସ୍ତନକୁ ଆଘାତ ପ୍ରଦାନ କରି ଦୌଡ଼ିଲା, ଶ୍ରୀରାମ କ୍ରୋଧିତ ହୋଇ ଜୟନ୍ତ କାକକୁ ମାରିବା ପାଇଁ ଏକ କାଇଁଶିକା ଶର ପ୍ରୟୋଗ କଲେ । ଯାହା ଫଳରେ କେବଳ ଜୟନ୍ତ କାକ ନୁହେଁ, ତା' ଚତୁଃପାର୍ଶ୍ୱରେ ଥିବା ସମସ୍ତ କାକଙ୍କ ଗୋଟିଏ ଆଖି ଫୁଟିଗଲା ।

ସେଥିପାଇଁ କବି ସମ୍ରାଟ ଲେଖିଲେ –
ବୃନ୍ଦ ବୃନ୍ଦ ମନ୍ଦର ତାଡ଼ିଲା ନେତ୍ର ଦିବେ ( ବୈଦେହୀଶ ବିଳାସ ) ।

ଯେତେ କାଉ ଥିଲେ ସମସ୍ତେ କଣା ହୋଇଗଲେ । ଏବେ ସମସ୍ତ କଣା କାଉ ଏକାଠି ହୋଇ ମା'ଙ୍କ ପାଖେ କାନ୍ଦି ଗୁହାରି କଲେ – ହେ ମା' ! ଜଣେ ଦୋଷ କରିବ । ତା' ପାଇଁ ସମସ୍ତ କାଉ ସମାଜ ଦଣ୍ଡ ଭୋଗିବା ଉଚିତ ନୁହେଁ । ଯିଏ ଭୁଲ୍ କରିଛି ବା ଅପରାଧୀ ସହିତ ଯିଏ ସାମିଲ ଅଛି ସେମାନେ ଦଣ୍ଡ ପାଆନ୍ତୁ । ଆମେ ଆଜ୍ଞା ନିର୍ଦ୍ଦୋଷ । ଜୟନ୍ତ କାକର ମନ୍ଦକର୍ମ ସହ ଆମେ ଆଦୌ ଜଡ଼ିତ ନୋହୁଁ ।

କାକମାନଙ୍କ ଆକୁଳ ଚିତ୍କାର ମା' ସୀତା ଏବଂ ଶ୍ରୀରାମଙ୍କ ହୃଦୟକୁ ଦ୍ରବୀଭୂତ କରିଦେଲା । ହାତୀ ହେଉ କି କାଉ, କାହାର ଯଦି ଅକସ୍ମାତ୍ ମୃତ୍ୟୁହୋଇଯାଏ ବା ଜଣେ ବିପଦରେ ପଡ଼େ, ତା' ଜାତିର ଅନ୍ୟମାନେ ବହୁଳ ସଂଖ୍ୟାରେ ଘଟଣା ସ୍ଥଳକୁ ଆସି ମୁମୂର୍ଷୁ ପ୍ରତି ସମବେଦନାଶୀଳ ହୁଅନ୍ତି । ଠିକ୍ ସେମିତି କାଉମାନଙ୍କ ମେଳରେ ଥାଇ ଜୟନ୍ତ କାକ ନିଜକୁ ସୁରକ୍ଷିତ ମଣୁଥିଲା । ସବୁ କାକ ତ ଦେଖିବାକୁ ଏକାଭଳି । କାଉମାନଙ୍କ କ୍ରନ୍ଦନଯୁକ୍ତ ଗୁହାରି ଶୁଣି କରୁଣାନିଧାନ ରାମ ସମସ୍ତଙ୍କର କଣା ହୋଇଯାଇଥିବା ଚକ୍ଷୁ ପୁନଶ୍ଚ ଫେରାଇ ଦେଲେ ସତ କିନ୍ତୁ ଜୟନ୍ତ କାକ ପରି ଅପରାଧୀର ସଂସ୍ପର୍ଶରେ ଆସିଥିବାରୁ ସେଇ ପାପରେ ସେମାନଙ୍କ ଚକ୍ଷୁକୁ ବକ୍ର ବା ଟେରା କରିଦେଲେ । ଭଞ୍ଜ ଲେଖିଲେ –

ବିଦ୍ୟ ପ୍ରାନ୍ତ ଯମକେ କହିବା ନେତ୍ରଦାନ,
ବକ୍ର ଚିହ୍ନ ରଖି ମାତ୍ର କଲେ ନେତ୍ର ଦାନ ଯେ । ( ବୈଦେହୀଶ ବିଳାସ) ।

ଏଇ 'ବକ୍ର ଚିହ୍ନ'ର ଅର୍ଥ କରିବାକୁ ଯାଇ କେହି କେହି କଥାଶାସ୍ତ୍ରୀ 'କଣା' ବା ଗୋଟିଏ ଆଖିକୁ ନଷ୍ଟ କରିଦେବା ଅର୍ଥକୁ ବୁଝାନ୍ତି । କିନ୍ତୁ ସେଭଳି ନୁହେଁ । କାଉମାନଙ୍କ ଦୃଷ୍ଟିଟି କେବଳ ବକ୍ର ବା ଟେରା ହୋଇଗଲା, ଯାହା ଆଜି ପର୍ଯ୍ୟନ୍ତ ବି ଅଛି ।

ତେଣୁ ହେ ନାରୀଲୋଭି ପୁରୁଷ ରାକ୍ଷସ ଗଣ ! ଜଣେ ନାରୀ ଉପରେ କୁଦୃଷ୍ଟି ପକାଇବାରୁ ଯେତେବେଳେ ସ୍ୱର୍ଗର ରାଜା ଇନ୍ଦ୍ରଙ୍କ ପୁତ୍ର ଜୟନ୍ତ କାକର ଆଖି ଫୁଟିଗଲା ଏବଂ ଅନ୍ୟ ସହଯୋଗୀ କାଉଙ୍କ ଦୃଷ୍ଟି ବକ୍ର ହୋଇଗଲା ସେତେବେଳେ ତୁମେ ଆଉ କୋଉ ଗାଈର ଗୋବର ଯେ ? ଯଦି ସେଭଳି କିଛି କାର୍ଯ୍ୟ କରିବାକୁ ମନରେ ଭାବନା ଆସୁଥାଏ ତେବେ ଏ ପ୍ରସଙ୍ଗଟିକୁ ଟିକେ ମନରେ ଆଣିବ । ବଞ୍ଚିଯିବ ।

*– ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ମହାପ୍ରଭୁଙ୍କ ମହିମା

**ଲେଖିକା–ସରୋଜିନୀ ରଥ ।** (ଏମ.ଏ.ବି.ଇଡି.)
ଏଲବି–୬୧, ଷ୍ଟେଜ–୪, ବି.ଡି.ଏ.କଲୋନୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର–୭୫୧୦୦୬
**ଦିବ୍ୟଦୂତ ପ୍ରକାଶନୀ,**ମୂଲ୍ୟ–୧୨୦ଟଙ୍କା,

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଅପାର ଓ ଅନନ୍ତ। ଯୁଗେଯୁଗେ ଭକ୍ତମାନେ ତାଙ୍କ ମହିମା ଗାନ କରିବା ସହ ତାଙ୍କ ଲୀଳା ଖେଳାକୁ ନେଇ ସୃଷ୍ଟି କରିଛନ୍ତି ଅନେକ ରଚନା। ଏହି ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ଦଶାବତାର, ରୂପ, ନାମ ଓ ଭୋଗ ସମ୍ପର୍କରେ ବର୍ଣ୍ଣନା ହୋଇଛି। ସେହିପରି ଶ୍ରୀଜୀଉଙ୍କ ବିଭିନ୍ନ ବେଶ, ଶ୍ରୀମନ୍ଦିର ଦେବଦେବୀ, ମହାପ୍ରଭୁଙ୍କ ପ୍ରଥମ ସେବକ, ଭକ୍ତଙ୍କ ଭକ୍ତିଦର୍ଶନ, ଗୁଣ୍ଡିଚାଯାତ୍ରାର ରହସ୍ୟ, ରଥ ଘଣ୍ଟୁଆ ପରମ୍ପରା ଏବଂ ଓଡ଼ିଶାର ପ୍ରାୟ ୬୪ଟି ଲୀଳାକ୍ଷେତ୍ର ଆଦି ୨୮ଟି ବିଷୟକୁ ନେଇ ପ୍ରାୟ ୧୧୫ପୃଷ୍ଠାରେ ପୁସ୍ତକ ସନ୍ନିବେଶିତ ହୋଇଛି। ଏହି ପୁସ୍ତକଟି ମାନବ ସମାଜରେ ସୁଖଶାନ୍ତି ତଥା ଭଗବତପ୍ରେମୀଙ୍କ ମନରେ ଭକ୍ତିଭାବ ସୃଷ୍ଟିକରିବା ସହିତ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।




### ପିଶାଚରୁ ପରୀ ପର୍ଯ୍ୟନ୍ତ

**ଲେଖିକା–ମୀନାକ୍ଷୀ ଦେବୀ**
**ପ୍ରକାଶିକା–ଜୀବନଜ୍ୟୋସ୍ନା ସାମନ୍ତରାୟ**
**ପ୍ରକାଶନ– ଆହାନା, ରାଜାବଗିଚା,କଟକ–୯, ମୂଲ୍ୟ–୧୪୫ଟଙ୍କା**

ଲେଖିକା ଏକଧାରରେ ଜଣେ ଗୀତିକବି, ଗାଳ୍ପିକା ଓ ନାଟ୍ୟକାର। ଆକାଶବାଣୀ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀରୁ ପୁରସ୍କୃତ। ତାଙ୍କର ଏହି ପୁସ୍ତକରେ ପ୍ରାୟ ୨୦ଟି ଗଳ୍ପ ୧୫୯ପୃଷ୍ଠାରେ ସମ୍ବଳିତ। ଯେମିତି କି ଗଳ୍ପ 'ସୂର୍ଯ୍ୟାସ୍ତର ଛାଇ'ରେ ଆତ୍ମୀୟମାନେ ନାନା ଜଞ୍ଜାଳ ଭିତରେ ବୁଡ଼ି ରହୁଥିବାରୁ ସମ୍ପର୍କର ରଜ୍ଜୁଠାରୁ ନିଜକୁ ଦୂରେଇ ରହିବାକୁ ବିଭିନ୍ନ ଆଳ ଦେଖାଇଛନ୍ତି। ପୁଣି ଅନ୍ୟ କେତୋଟି ଗଳ୍ପରେ ଚରିତ୍ରମାନେ ନାନା ସମସ୍ୟାରୁ ମୁକ୍ତିର ବାଟ ଖୋଜୁଖୋଜୁ ବିଭିନ୍ନ ପରିସ୍ଥିତିରେ କିପରି ଛନ୍ଦି ହୋଇପଡ଼ନ୍ତି। ପାରିବାରିକ ସମସ୍ୟା, ସାମ୍ପ୍ରତିକ ସମାଜର ନାନାଘଟଣା ଅଘଟଣକୁ ଆଧାରକରି କାହାଣୀ ସୃଷ୍ଟି ହୋଇଛି। ଏହି ପୁସ୍ତକଟି ପାଠକୀୟ ଆଦର ଲାଭକରିବ ବୋଲି ଆଶା କରାଯାଏ।




### ଅଣୁଗଳ୍ପ ମାନସାଙ୍କ

**ଲେଖକ–ମାନସ ରଞ୍ଜନ ବାରିକ**
**ପ୍ରକାଶକ– ପଶ୍ଚିମା ପବ୍ଲିକେଶନ, ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର, ମୂଲ୍ୟ–୧୨୯ଟଙ୍କା, ପ୍ରଥମ ପ୍ରକାଶ –୨୦୨୩**


ମାନସ ରଞ୍ଜନ ବାରିକ ଓଡ଼ିଶାର ଜଣେ ଦକ୍ଷ ପୋଲିସ ଅଧିକାରୀ ହୋଇଥିବା ବେଳେ ଜଣେ ଲେଖକ ଓ କବି ମଧ୍ୟ । ଦୀର୍ଘଦିନର ସାଉଁଟା ଅଭିଜ୍ଞତାରୁ ବାସ୍ତବ ଘଟଣାକୁ ନେଇ ତାଙ୍କ ଲେଖାରେ ଛୋଟଛୋଟ କାହାଣୀ ଓ ଚରିତ୍ର ମାଧ୍ୟମରେ ଚିତ୍ରିତ କରିଥାନ୍ତି । ତାଙ୍କର ଏହି ପୁସ୍ତକରେ ସମୁଦାୟ ୨୦୭ଟି ଅଣୁଗଳ୍ପ ଅଛି। ଏହି ପୁସ୍ତକ କୋଡ଼ିଏଟି ଥିମକୁ ନେଇ ଗଠିତ ହୋଇଥିବା ବେଳେ ପ୍ରତ୍ୟେକ ଥିମରେ ଦଶଗୋଟି ଅଣୁଗଳ୍ପ ରହିଅଛି । ଏଥିରେ ଥିବା ଅନେକ ଗଳ୍ପ ସବୁ କବିତାପରି। ମୁଖ୍ୟତଃ ଚିତ୍ରକଳ୍ପରେ ପରିପୂର୍ଣ୍ଣ ଥିବା ଗଳ୍ପଗୁଡ଼ିକ ଆଙ୍ଗିକରେ କ୍ଷୁଦ୍ର କିନ୍ତୁ ଆତ୍ମିକ ଦୃଷ୍ଟିରୁ ମର୍ମସ୍ପର୍ଶୀ ଓ ଚେତନା ପ୍ରବାହୀ। ବହିର ପ୍ରଚ୍ଛଦପଟ୍ଟରୁ ଜଣାପଡେ ଗାଳ୍ପିକ ସିନ୍ଧୁକୁ ବିନ୍ଦୁରେ ଦେଖେଇବାକୁ ଚେଷ୍ଟା କରିଛନ୍ତି। ଏହି ସଂକଳନରେ ସ୍ଥାନିତ ଗପଗୁଡ଼ିକ ଛୋଟଛୋଟ ମାତ୍ର ପ୍ରାଣସ୍ପର୍ଶୀ। ଅନେକ ସ୍ମୃତି ଅନୁଭୂତିର ଭାବକୁ ଅନୁଭବ କରିବାର ଅନ୍ତଃପ୍ରେରଣା ସୃଷ୍ଟିକରେ। ଏହି ପୁସ୍ତକ ସମସ୍ତଙ୍କ ମନକୁ ଛୁଇଁବବୋଲି ଆଶା କରାଯାଏ।




ବ୍ୟାକ୍ ପେଜ୍


# ସ୍ମାର୍ଟ ତକିଆ

ନିଦର ଅଭାବ, ଠିକ୍‌ରେ ନିଦ ନ ହେବା ଆଜିକାଲିର ଏକ ମୁଖ୍ୟ ସମସ୍ୟା ପାଲିଗଲାଣି। ଏଥିଯୋଗୁ ମଧୁମେହ, ହୃଦରୋଗ, ଅବସାଦ ପରି ଅନେକ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଛି। ତେଣୁ ସୁନିଦ୍ରା ସମସ୍ତଙ୍କ ପାଇଁ ନିହାତି ଜରୁରୀ। ଏହାକୁ ନଜରରେ ରଖି ଚାଇନାର ଗୁଆଙ୍ଗଝୋଓ ବିଶ୍ୱବିଦ୍ୟାଳୟ ଓ ଚାଇନା ବିଜ୍ଞାନ ଏକାଡେମୀ ମିଳିତଭାବେ ଏକ ଖାସ୍ ତକିଆ ତିଆରି କରିଛନ୍ତି। ଯାହାକି ଆରାମଦାୟକ ହେବା ସହ ମୁଣ୍ଡର ସ୍ଥିତି ସମ୍ପର୍କରେ ବି ଖବର ରଖିବ। ଉକ୍ତ ତକିଆକୁ ଟ୍ରାଇବୋଇଲେକ୍ଟ୍ରିକ୍ ଲେୟରରେ ପ୍ରସ୍ତୁତ ଖାସ୍ ପଲିମର୍‌ରେ ତିଆରି କରାଯାଇଛି। ଏହି ତକିଆ ଦ୍ୱାରା






ନିଦ୍ରାଜନିତ ସମସ୍ୟା ଜାଣିହେବା ସହ ଅନ୍ୟ ରୋଗ ସମ୍ପର୍କରେ ବି ଜାଣି ହେବ। ଯେମିତିକି ସର୍ଭାଇକାଲ ସ୍ପଣ୍ଡିଲାଇଟିସ୍ ପାଇଁ ମୁଣ୍ଡର ସ୍ଥିତି ବଦଳାଇବାବେଳେ ସମସ୍ୟା ହେଉଛି ନା ନାହିଁ ଆଦି। ତେଣୁ ଏହି ତକିଆ ମଣିଷର ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।




# ୨ କୋଟିର ନେଲ୍‌ପଲିଶ୍




ଆଜିକାଲି ସମସ୍ତେ ସୌନ୍ଦର୍ଯ୍ୟ ସଚେତନ। ତେଣୁ ବ୍ରାଣ୍ଡେଡ ଓ ଦାମୀ ବିଉଟି ପ୍ରଡକ୍ଟର ଆଦର ଦିନକୁ ଦିନ ବଢିବାରେ ଲାଗିଛି। ହେଲେ ଏମିତି ବି କିଛି ବିଉଟି ପ୍ରଡକ୍ଟ ଅଛି ଯାହାକୁ କିଣିବା ସାତ ସପନ। ସେଥିମଧ୍ୟରେ ଗୋଟିଏ ହେଉଛି ଏଜାଟୁର ନେଲପଲିଶ୍। ଏହି ନେଲ୍‌ପଲିଶର ମୂଲ୍ୟ ଏତେ ଯେ, ବଡ଼ ବଡ଼ ଧନୀ ମହିଳା ବି ଏହାକୁ କିଣିପାରିବେ ନାହିଁ। ନଖର ସୌନ୍ଦର୍ଯ୍ୟ ବଢାଉଥିବା ଉକ୍ତ ନେଲ୍‌ପଲିଶ୍‌ର ଛୋଟିଆ ବୋତଲର ମୂଲ୍ୟ ହେଉଛି ୨ କୋଟି ଟଙ୍କାରୁ ଅଧିକ। ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ତେଣୁ ଏଜାଟୁର ନେଲ୍‌ପଲିଶ୍‌କୁ ପୃଥିବୀର ସବୁଠୁ ଦାମୀ ନେଲ୍‌ପଲିଶ୍‌ର ମାନ୍ୟତା ମିଳିଛି। ଏହାକୁ ଲସଆଞ୍ଜେଲିସ୍‌ର ଡିଜାଇନର୍ ଏଜାଟୁର ପୋଗୋସିୟନ୍ ପ୍ରସ୍ତୁତ କରିଛନ୍ତି। ଏଜାଟୁର୍ ବ୍ରାଣ୍ଡ ବିଭିନ୍ନ ରଙ୍ଗର ନେଲ୍ ପଲିଶ୍ ତିଆରି କରିଛି। ହେଲେ ଏହାର କଳା ରଙ୍ଗର ନେଲ୍‌ପଲିଶ୍ ହେଉଛି ସବୁଠାରୁ ମହଙ୍ଗା। ଏହାର ଯେତିକି ମୂଲ୍ୟ ସେଥିରେ ବଙ୍ଗଳା, ଏକାଧିକ ଲକ୍‌ଜୁରୀୟସ୍ ଗାଡି କିଣିହେବ। ତେବେ ଏହାର ମୂଲ୍ୟ ଏତେ ଅଧିକ ହେବା ପଛର କାରଣ ହେଉଛି, ବ୍ଲାକ୍ ଏଜାଟୁର୍ ନେଲ୍‌ପଲିଶ୍ ତିଆରି କରିବା ପାଇଁ ବ୍ଲାକ୍ ଡାଇମଣ୍ଡର ବ୍ୟବହାର ହୋଇଛି। ୧୫ଠମି.ଲି. ଉକ୍ତ ନେଲ୍‌ପଲିଶ୍‌କୁ ଆଜିପର୍ଯ୍ୟନ୍ତ କେବଳ ୨୫ ଜଣ ହିଁ କିଣିବାକୁ ସକ୍ଷମ ହୋଇଛନ୍ତି।

# ନିଶରେ ତିଆରି ସୁଟ୍



ଅନେକଙ୍କୁ ପ୍ରାଣୀଙ୍କ ଲୋମ ବା ଫର୍‌ରେ ତିଆରି ପୋଷାକ ପିନ୍ଧିବାକୁ ଭଲ ଲାଗେ। ହେଲେ ଜାଣନ୍ତି କି ଅଷ୍ଟ୍ରେଲିଆର ମେନ୍ସ୍‌ୱେର କମ୍ପାନୀ 'ପୋଲିଟିକ୍ସ' ମଣିଷ ନିଶରେ ତିଆରି କରିଛି ସୁଟ୍। ଭିଜୁଆଲ ଆର୍ଟିଷ୍ଟ ପାମେଲା କ୍ଲିମନ୍ ପାସୀଙ୍କ ସହ ମିଶି ପୋଲିଟିକ୍ସ ବ୍ରାଣ୍ଡ ଏହି ଅଜବ ସୁଟ୍ ପ୍ରସ୍ତୁତ କରିଛି। ଉକ୍ତ ସୁଟ୍‌କୁ ମୋଭେମ୍ବର ନାମକ ଏକ ବାର୍ଷିକ ଇଭେଣ୍ଟରେ ପ୍ରଦର୍ଶିତ କରାଯାଇଥିଲା। ଏହି ଇଭେଣ୍ଟରେ ପୁରୁଷଙ୍କର ବିଭିନ୍ନ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଏ। ତା'ସହ ଏଥିରେ ପୃଥିବୀର ବିଭିନ୍ନ ସ୍ଥାନରୁ ବଡ଼ ବଡ଼ ନିଶ ରଖିଥିବା ପୁରୁଷ ଆସି ନିଜ ନିଜର ନିଶକୁ ପ୍ରଦର୍ଶିତ କରିଥାନ୍ତି। ଏହି ମୋଭେମ୍ବର ଇଭେଣ୍ଟକୁ ଖାସ୍ କରିବା ଲାଗି ପୋଲିଟିକ୍ସ କମ୍ପାନୀ ଏହି ଖାସ୍ ସୁଟ୍ ତିଆରି କରିଥିଲା। 'ମୋ ହେୟାର' ନାମକ ଏହି ସୁଟ୍‌କୁ ତିଆରି କରିବା ଲାଗି ପାମେଲା କ୍ଲିମନ୍ ବିଭିନ୍ନ ସେଲୁନ୍‌ରୁ ନିଶ ସଂଗ୍ରହ କରିଥିଲେ। ଅନେକେ ଏହି ପ୍ରୋଜେକ୍ଟ ପାଇଁ ନିଜେ ନିଜର ନିଶ କାଟି ପ୍ୟାକେଟ୍ କରି ମଧ୍ୟ ପଠାଇଥିଲେ । ପାମେଲାଙ୍କ ସ୍ୱାମୀ ପ୍ରୋଷ୍ଟେଟ କ୍ୟାନ୍ସରରେ ମୃତ୍ୟୁବରଣ କରିଥିଲେ। ତେଣୁ ଲୋକଙ୍କ ମଧ୍ୟରେ ଏଭଳି ପୁରୁଷ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ସେ ବହୁ ପରିଶ୍ରମ କରି ନିଶକୁ କଟନ୍ ସହିତ ବୁଣି ଏକ ଫ୍ୟାବ୍ରିକ ପ୍ରସ୍ତୁତ କରିଥିଲେ। ଆଉ ପୋଲିଟିକ୍ସ ବ୍ରାଣ୍ଡ ଏଥିରେ ସିଙ୍ଗଲ ବ୍ରେଷ୍ଟେଡ ସୁଟ୍ ତିଆରି କରିଥିଲା। ନିଶରେ ତିଆରି ହୋଇଥିବାରୁ ଏହାକୁ ପିନ୍ଧିଲେ ଚର୍ମ କୁଣ୍ଡେଇ ହେବାର ଆଶଙ୍କା ଥିବାରୁ ଭିତରେ ଲାଇନିଂ ଦିଆଯାଇଥିଲା।

